ବର୍ଷ-୨୫, ସଂଖ୍ୟା-୩୭
ଭୁବନେଶ୍ୱର
୦୭, ଫେବୃଆରୀ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 37
Bhubaneswar
07 February, 2025, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଗିଲ୍‌ଙ୍କ କମାଲ୍

କଂଗ୍ରେସ ଯାହା ଅଟକାଇଥିଲା, ଆଜି ପୂରଣ ହୋଇଛି : ମୋଦୀ

ନୂଆଦିଲ୍ଲୀ,୬।୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେଇଛନ୍ତି । ଗୃହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଭାରତର ସଫଳତା, ଭାରତଠାରୁ ବିଶ୍ୱର ଆଶା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ସାଧାରଣ ଜନତାଙ୍କ ଆତ୍ମବିଶ୍ୱାସ ସାମିଲ ଥିଲା । ସେ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଭାଷଣ ପ୍ରେରଣାଦାୟୀ, ପ୍ରଭାବଶାଳୀ ଏବଂ ଭବିଷ୍ୟତର କାର୍ଯ୍ୟ ପାଇଁ ମାର୍ଗଦର୍ଶନ ପ୍ରଦାନ କରିଛି । ଏହି ଅଭିଭାଷଣ ପାଇଁ ସେ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇଥିଲେ ।

ଶ୍ରୀ ମୋଦୀ କହିଥିଲେ ୨୦୧୪ ମସିହାରୁ ନିରନ୍ତର ଭାବେ ସେମାନଙ୍କୁ ସେବା କରିବାର ସୁଯୋଗ ଦେଇଥିବାରୁ ଭାରତର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇ ଶ୍ରୀ ମୋଦୀ କହିଥିଲେ ଯେ, ଏହା ଆମ ବିକାଶ ମଡେଲର ଏକ ପ୍ରମାଣ, ଯାହାକୁ ଲୋକମାନେ ପରୀକ୍ଷା କରିଛନ୍ତି, ବୁଝିଛନ୍ତି ଏବଂ ସମର୍ଥନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଷ୍ଟ୍ର ପ୍ରଥମ ମନ୍ତ୍ର ସେମାନଙ୍କ ବିକାଶ ମଡେଲକୁ ସୂଚିତ କରେ ଏବଂ ସରକାରଙ୍କ ନୀତି, ଯୋଜନା ଏବଂ କାର୍ଯ୍ୟରେ ଏହାର ଉଦାହରଣ ରହିଛି । ସ୍ୱାଧୀନତା ପରେ ୫-୬ ଦଶନ୍ଧିର ଦୀର୍ଘ ବିରତି ପରେ ଶାସନ ଏବଂ ପ୍ରଶାସନର ବିକଳ୍ପ ମଡେଲର ଆବଶ୍ୟକତା ରହିଥିଲା ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ ତୁଷ୍ଟିକରଣ ପରିବର୍ତ୍ତେ ସନ୍ତୁଷ୍ଟିକରଣ ଆଧାରରେ ୨୦୧୪ ମସିହାରୁ ଦେଶକୁ ବିକାଶର ଏକ ନୂତନ ମଡେଲ ଦେଖିବାର ସୁଯୋଗ ମିଳିଛି ।

ସମ୍ବୋଧନ ବେଳେ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ସିଧା ନିଶାନା କରିଛନ୍ତି । ନିଜ ସମ୍ବୋଧନରେ ସେ କଂଗ୍ରେସ ପାର୍ଟି ଏବଂ ଗାନ୍ଧୀ ପରିବାର ଉପରେ କଡ଼ା ହମଲା କରିଛନ୍ତି । ପିଏମ୍ ମୋଦୀ କହିଛନ୍ତି ଯେ ଶାହି ପରିବାର (ଗାନ୍ଧୀ ପରିବାର)ର ଅହଂକାର ଏହି ଦେଶକୁ ଜେଲ୍‌ରେ ପରିଣତ କରିଥିଲା ଏବଂ ନିର୍ବାଚିତ ପ୍ରତିନିଧି, ମାନ୍ୟଗଣ ନେତାଙ୍କୁ ଶିକୁଳିରେ ବାନ୍ଧି ଦିଆଯାଇଥିଲା । ବାବା ସାହେବ ଆମ୍ବେଦକରଙ୍କ କଥା ଉଠାଇ କଂଗ୍ରେସକୁ ନିଶାନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ବାବା ସାହେବଙ୍କୁ କଂଗ୍ରେସ କେବେ ସମ୍ମାନ ଦେଉନଥିଲା । ଏଥିପାଇଁ କଂଗ୍ରେସକୁ ଆଜି ରଙ୍ଗ ବଦଳାଇବାକୁ ପଡ଼ିଲା । ଏଥିପାଇଁ ଦେଶର ସବୁଠୁ ପୁରୁଣା ପାର୍ଟିର ଏଭଳି ଅବସ୍ଥା । ଏସସି, ଏସଟିଙ୍କ ବିକାଶ ପାଇଁ ବାବା

ସାହେବ ରୋଡ ମ୍ୟାପ ତିଆରି କରିଥିଲେ । ଆମ୍ବେଦକରଙ୍କ ନାମକୁ ନେଇ କଂଗ୍ରେସ ପୂର୍ବରୁ ବିରକ୍ତ ହେଉଥିଲା । ଆଜି କଂଗ୍ରେସ ବାଧ୍ୟ ହୋଇ ଜୟ ଭୀମ କହିବାକୁ ବାଧ୍ୟ ହୋଇଛି । କଂଗ୍ରେସ ଆମ୍ବେଦକରଙ୍କୁ ଭାରତ ରତ୍ନ ପାଇବାକୁ ଯୋଗ୍ୟ ମନେ କରିନଥିଲା । କଂଗ୍ରେସ ଦ୍ରୁତ ଗତିରେ ମୁଖା ବଦଳାଉଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି । ରାଜ୍ୟସଭାରେ ସମ୍ବୋଧନବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯେ କଂଗ୍ରେସ ଏତେ ବଡ଼ ଦଳ ଗୋଟିଏ ପରିବାର ପ୍ରତି ସମର୍ପିତ ମିଥ୍ୟା, ଭ୍ରଷ୍ଟାଚାର ଓ ତୁଷ୍ଟୀକରଣକୁ ନେଇ ଚାଲିଛି । କିନ୍ତୁ ଆମେ ତୁଷ୍ଟୀକରଣ ନୁହେଁ, ସନ୍ତୁଷ୍ଟୀକରଣ ଚାହୁଁଛୁ । ସବକା ସାଥ, ସବକା ବିକାଶ ଆମର ଲକ୍ଷ୍ୟ ନିର୍ବାଚନ ଆସିଲେ ଯୁବରାଜଙ୍କୁ ଦେଖିବାକୁ ମିଳେ ।

ଦେଶରେ ଯେତେବେଳେ ସଂରକ୍ଷଣ ପ୍ରସଙ୍ଗ ଉଠିଛି, ସେତେବେଳେ ଏହି ସମସ୍ୟାର ଦୃଢ଼ ସମାଧାନ ପାଇଁ ପ୍ରୟାସ କରାଯାଇନାହିଁ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ ଯେ ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ ବିଭାଜନ କରିବା, ଉତ୍ତେଜନା ସୃଷ୍ଟି କରିବା ଏବଂ ପରସ୍ପର ବିରୋଧରେ ଶତ୍ରୁତା ସୃଷ୍ଟି କରିବାର ଉପାୟ ଗ୍ରହଣ କରାଯାଇଛି । ସେ କହିଥିଲେ, ଦେଶ ସ୍ୱାଧୀନତା ହାସଲ କରିବା ପରେ ମଧ୍ୟ ସମାନ ଅଭିମୁଖ୍ୟ ବ୍ୟବହାର କରାଯାଇଥିଲା । ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରଥମ ଥର ପାଇଁ ତାଙ୍କ ସରକାର ସବକା ସାଥ, ସବକା ବିକାଶମନ୍ତ୍ର ଦ୍ୱାରା ଅନୁପ୍ରାଣିତ ହୋଇ ଏକ ମଡେଲ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ପାଇଁ କୌଣସି ଚାପ କିମ୍ବା ଭେଦଭାବ ବିନା ପ୍ରାୟ ୧୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଇଛି । ସେ କହିଥିଲେ ଯେ ଏହି ନିଷ୍ପତ୍ତିକୁ ଏସ୍.ସି., ଏସ୍.ଟି. ଏବଂ ଓ.ବି.ସି. ସମ୍ପ୍ରଦାୟ ସ୍ୱାଗତ କରିଛନ୍ତି ଏବଂ କେହି କୌଣସି ଅସନ୍ତୋଷ ବ୍ୟକ୍ତ କରିନାହାନ୍ତି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ସବକା ସାଥ, ସବକା ବିକାଶ ମନ୍ତ୍ର ଉପରେ ଆଧାରିତ ଏହି କାର୍ଯ୍ୟାନ୍ୱୟନ ପଦ୍ଧତି ସୁସ୍ଥ ଏବଂ ଶାନ୍ତିପୂର୍ଣ୍ଣ ଢଙ୍ଗରେ କାର୍ଯ୍ୟକାରୀ ହୋଇଥିଲା, ଯାହାଦ୍ୱାରା ଏହି ନିଷ୍ପତ୍ତିକୁ ଦେଶବ୍ୟାପୀ ସ୍ୱୀକୃତି ମିଳିଥିଲା ।

ଭାରତର ପ୍ରଗତି ନାରୀ ଶକ୍ତି ଦ୍ୱାରା ପରିଚାଳିତ ବୋଲି ଶ୍ରୀ ମୋଦୀ ଅଭିହିତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଯଦି ମହିଳାମାନଙ୍କୁ ସୁଯୋଗ ଦିଆଯାଏ ଏବଂ ସେମାନେ ନୀତି ନିର୍ଦ୍ଧାରଣର ଅଂଶବିଶେଷ ହୁଅନ୍ତି, ତେବେ ଏହା ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିପାରିବ । ଏହି କାରଣରୁ ନୂତନ ସଂସଦରେ ସରକାରଙ୍କ ପ୍ରଥମ ନିଷ୍ପତ୍ତି ନାରୀ ଶକ୍ତିର ସମ୍ମାନ ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଥିଲେ ।

ଜାତିବାଦର ବିଷ ବିସ୍ତାର କରିବା ପାଇଁ ନୂତନ ପ୍ରୟାସ କରାଯାଉଛି, ଯାହା ବିଭିନ୍ନ ସ୍ତରରେ ଆମର ଆଦିବାସୀ ସମ୍ପ୍ରଦାୟକୁ ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ ବିଶେଷ ଭାବେ ଆଲୋକପାତ କରିଥିଲେ ଯେ କେତେକ ସମ୍ପ୍ରଦାୟର ଜନସଂଖ୍ୟା ବହୁତ କମ୍, ଦେଶର ବିଭିନ୍ନ ସ୍ଥାନରେ ସେମାନେ ବ୍ୟାପି ରହିଛନ୍ତି ଏବଂ ସେମାନଙ୍କୁ ଅଧିକ ଅଣଦେଖା କରାଯାଉଛି । ଏହି ସମ୍ପ୍ରଦାୟଗୁଡ଼ିକ ବିଷୟରେ ଗଭୀର ଜ୍ଞାନ ରଖିଥିବା ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପାଇଁ ସେ କୃତଜ୍ଞତା ବ୍ୟକ୍ତ କରିଥିଲେ । ଏକ ବିକାଶଶୀଳ ରାଷ୍ଟ୍ରକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଭିତ୍ତିଭୂମିର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଦେଶର ବିକାଶ ପାଇଁ ଉଭୟ କଲ୍ୟାଣକାରୀ ଯୋଜନା ଏବଂ ଭିତ୍ତିଭୂମି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିଥିଲେ ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ବିଳମ୍ବ ଯୋଗୁଁ ଟିକସଦାତାଙ୍କ ଅର୍ଥ ଅପଚୟ ହୋଇଥାଏ ଏବଂ ଦେଶ ଏହାର ଲାଭରୁ ବଞ୍ଚିତ ହୋଇଥାଏ । ଜାମ୍ମୁ-କାଶ୍ମୀରରେ ଉଧମପୁର-ଶ୍ରୀନଗର-ବାରାମୁଲା ରେଳ ଲାଇନ ସମ୍ପୂର୍ଣ୍ଣ ହେବା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ପ୍ରକଳ୍ପ ୧୯୯୪ ମସିହାରେ ଅନୁମୋଦିତ ହୋଇଥିଲା, କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଅଟକି ରହିଥିଲା ଶେଷରେ, ତିନି ଦଶନ୍ଧି ପରେ, ଏହା ୨୦୨୫ ରେ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ସେ କହିଛନ୍ତି । ଓଡ଼ିଶାରେ ହରିଦାସପୁର-ପାରାଦୀପ ରେଳ ଲାଇନ ସମ୍ପୂର୍ଣ୍ଣ ହେବା ଉପରେ ଆଲୋକପାତ କରିଥିଲେ ସେ କହିଥିଲେ ଯେ ଏହି ପ୍ରକଳ୍ପକୁ ୧୯୯୬ରେ ମଞ୍ଜୁରି ମିଳିଥିଲା, କିନ୍ତୁ ଏହା ବର୍ଷ ବର୍ଷ ଧରି ଅଟକି ରହିଥିଲା, ଯାହା ଶେଷରେ ବର୍ତ୍ତମାନର ପ୍ରଶାସନ ସମୟରେ ୨୦୧୯ରେ ସମ୍ପୂର୍ଣ୍ଣ ହୋଇଥିଲା ।

ଷୋଡ଼ଶ ଅର୍ଥ କମିଶନଙ୍କ ଆଗରେ ୫ ବର୍ଷ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୬।୨(ମହାଭାରତ): ୨୦୨୬-୩୧, ଏହି ପାଂଚବର୍ଷ ପାଇଁ ରାଜ୍ୟ ସରକାର ଓଡିଶା ପାଇଁ ୧୨,୫୯,୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଶ ଅର୍ଥ କମିଶନଙ୍କ ସହିତ ଆଲୋଚନା ପରେ ଗଣମାଧ୍ୟମ ଆଗରେ ବିବୃତିରଖି ଏହା କହିଛନ୍ତି ।

ରାଜ୍ୟ ସରକାରଙ୍କ ଦାବିର ସାରାଂଶ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହସ୍ତାନ୍ତର ପୂର୍ବରୁ ରାଜସ୍ୱ ନିଅଂଟ ଭରଣା ପାଇଁ ୯,୮୮,୪୨୨ କୋଟି ଟଙ୍କା, ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧,୧୦,୪୩୪ କୋଟି ଟଙ୍କା, ଗ୍ରାମାଂଚଳ ଓ ସହରାଂଚଳର ଲୋକାଲ ବଡି ମାନଙ୍କ ପାଇଁ ଅନୁଦାନ ବାବଦରେ ୧, ୦୦,୦୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯,୨୫୨ କୋଟି ଟଙ୍କା ଦାବି ରଖା ଯାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କମିଶନଙ୍କ ସହିତ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଆମେ ଗଠନମୂଳକ ଆଲୋଚନା କରିଛୁ । ରାଜ୍ୟର ବିକାଶମୂଳକ ଆବଶ୍ୟକତା, ଆର୍ଥିକ କ୍ଷମତା ଏବଂ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର

ବ୍ୟବସ୍ଥାକୁ ଭିତ୍ତିକରି କମିଶନଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଇଛି । ଆମେ ରାଜ୍ୟର ସମସ୍ତ ଆର୍ଥିକ ଦିଗ ଏବଂ ଆବଶ୍ୟକତାକୁ ଭିତ୍ତି କରି ଏକ ସ୍ମାରକପତ୍ର ଆକାରରେ କମିଶନଙ୍କ ସମ୍ମୁଖରେ ଲିଖିତ ଉପସ୍ଥାପନା ମଧ୍ୟ କରିଛୁ ବୋଲି ସେ କହିଥିଲେ । କମିଶନ ଆମର ଉପସ୍ଥାପନକୁ ଅନୁକୂଳ ଭାବରେ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । କମିଶନଙ୍କ ନିକଟରେ ରାଜ୍ୟର ପ୍ରମୁଖ ଦାବି ଗୁଡିକର ଆଧାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ, କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧% ରାଜ୍ୟ ମାନଙ୍କୁ ବଂଟନ କରାଯାଉଛି । ଏହା ୪୧% ରୁ ୫୦%କୁ ବୃଦ୍ଧି କରିବା ପାଇଁ ଆମେ ଦାବି କରିଛୁ । କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟ ମାନଙ୍କୁ ବଂଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଂଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ । ଓଡିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ପାଇଁ ଆମେ ଦାବି ରଖିଛୁ ।

୧୬ଶ ଅର୍ଥ କମିଶନ, ୨୦୨୬-୩୧ ଅବଧି ପାଇଁ, କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଂଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାର ଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫% କେନ୍ଦ୍ର ସରକାର ବହନ କରେ ଓ ଅବଶିଷ୍ଟ ୨୫% ରାଜ୍ୟ ସରକାର ବହନ କରିଥାଏ । ଏହାକୁ କେନ୍ଦ୍ର ସରକାର ୧୦୦% ବହନ କରୁ ବୋଲି ଆମେ ଦାବୀ କରିଛୁ ବୋଲି ସେ କହିଥିଲେ ।ଏତଦ୍ ବ୍ୟତୀତ ସ୍ୱାସ୍ଥ୍ୟ, ଜଳ ଯୋଗାଣ ଓ ପରିମଳ ଏବଂ ବାର୍ଦ୍ଧକ୍ୟ ସୁରକ୍ଷା ଇତ୍ୟାଦି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଅନୁଦାନ ସୁପାରିଶ ପାଇଁ କମିଶନଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ଡ. ଅରବିନ୍ଦ ପାନାଗରିଆଙ୍କ ଅଧ୍ୟକ୍ଷତାରେ ୧୬ଶ ଅର୍ଥ କମିଶନ ଫେବୃଆରୀ ୪ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଓଡିଶା ଗସ୍ତରେ ଆସିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ମାଝୀ ସ୍ଥାନୀୟ ଆଇ.ଟି.ସି ହୋଟେଲ୍ ଠାରେ ଅର୍ଥ କମିଶନ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟ ମାନଙ୍କ ସହିତ ଓଡିଶାର ଲକ୍ଷ୍ୟ, ଆବଶ୍ୟକତା ଓ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜ୍ୟ ଅର୍ଥ ସଚିବ ଶାସ୍ୱତ ମିଶ୍ର ଓ ଅର୍ଥ ବିଭାଗର ଅଧିକାରୀ ଗଣଙ୍କ ସହିତ ଏବଂ ରାଜ୍ୟର ବିଭିନ୍ନ ବିଭାଗର ଶାସନ ମୁଖ୍ୟମାନେ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ ।

ମାଟ୍ରିକ ପରୀକ୍ଷା ପାଇଁ ୪ ସ୍ତରୀୟ ସ୍କ୍ୱାଡ ଗଠନ

ଭୁବନେଶ୍ୱର,୬।୨(ମହାଭାରତ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ହେବାକୁ ଥିବା ମାଟ୍ରିକ୍ ପରୀକ୍ଷା ଫେବୃଆରି ୨୧ରୁ ଆରମ୍ଭ ହେବ । ଏହି ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାରେ କପିକୁ ରୋକିବା ତଥା ପ୍ରଶ୍ନ ପତ୍ର ଲିକକୁ ରୋକିବା ପାଇଁ ବୋର୍ଡ ଦ୍ୱାରା ବିଶେଷ ବ୍ୟବସ୍ଥା କରାଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ପରୀକ୍ଷା ରାଜ୍ୟର ୩୦ ଜିଲ୍ଲାର ୩,୧୩୩ କେନ୍ଦ୍ରରେ ପରୀକ୍ଷା ହେବ । ମୋଟ ୫ ଲକ୍ଷ ୧୦ ହଜାର ୭୭୮ ପିଲା ପରୀକ୍ଷା ଦେବେ ।

ସବୁ ମାଟ୍ରିକ କେନ୍ଦ୍ରରେ ଲାଗିବ ସିସିଟିଭି
୨୧ରୁ ୩,୧୩୩ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା
ପ୍ରଶ୍ନ ପତ୍ରରେ ବୁକଲେଟ୍ ନମ୍ବର ୱାଟର ମାର୍କ
୧୦ରୁ ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ
ପରୀକ୍ଷା ସମୟ ସକାଳ ୯ଟାରୁ ସାଢ଼େ ୧୧ଟା

ସେ କହିଛନ୍ତି ଯେ, ଅନଲାଇନ୍ ଏବଂ ଅଫଲାଇନରେ ପିଲାଙ୍କୁ ଆଡମିଟ୍ କାର୍ଡ ଯୋଗାଇ ଦିଆଯିବ । ଫେବୃଆରି ୧୦ରୁ ଅନଲାଇନ୍‌ରେ ଆଡମିଟ୍ କାର୍ଡ ବୋର୍ଡର ୱେବସାଇଟରେ ଉପଲବ୍ଧ ହେବ ।କପିକୁ ରୋକିବା ପାଇଁ ବୋର୍ଡ ଦ୍ୱାରା ବ୍ୟାପକ ପଦକ୍ଷେପ ନିଆଯାଇଛି । ପରୀକ୍ଷା ହେବାକୁ ଥିବା ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି । ସେହିପରି କପି ରୋକିବାକୁ ୪ ପ୍ରକାରର ସ୍କ୍ୱାର୍ଡ ଗଠିତ ହେବ । ବୋର୍ଡ ପକ୍ଷରୁ ଗଠିତ ହେବ ୪୨ ଟି ସ୍କ୍ୱାର୍ଡ ମୋଟ ୧୭୨ ଟି ସ୍କ୍ୱାର୍ଡ ଗଠନ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ବୁକଲେଟ୍ ନମ୍ବର ୱାଟର ମାର୍କ ସହ କ୍ୟୁ-ଆର (କୁଇକ୍ ରେସ୍‌ପନ୍ସ) କୋଡ୍‌ନମ୍ବର ଏବଂ ଷ୍ଟାଟିକ୍ କ୍ୟୁ-ଆର କୋଡ୍ ଛାପ ପ୍ରତିଟି ପ୍ରଶ୍ନପତ୍ର ଉପରେ ଉଲ୍ଲେଖ କରାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ଯେ, ସମସ୍ତ ପରୀକ୍ଷା ଗୋଟିଏ ସିଟିଙ୍ଗରେ ହେବ । ବୋର୍ଡ ସେନ୍ଟର କମାଣ୍ଡ ସିଷ୍ଟମ ଆପଣେଇବ । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ବୋର୍ଡ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସମସ୍ତ ପରୀକ୍ଷା କେନ୍ଦ୍ର ଏବଂ ନେଡାଲ ସେଂଟର ଗୁଡ଼ିକରେ ଏଆଇ କ୍ୟାମେରା ଖଞ୍ଜାଯାଇଛି । ଏଥିସହିତ ୪ ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ୭୦ ଟିମ୍, ବୋର୍ଡ ପକ୍ଷରୁ ୪୨ ଟିମ୍, ଶିକ୍ଷା ବିଭାଗ ଏବଂ ପୋଲିସ ପ୍ରଶାସନ ସ୍କ୍ୱାର୍ଡ ଟିମ୍ ଗଠନ କରାଯାଇଛି । ସିଧା ପ୍ରସାରଣ ଅନୁଧ୍ୟାନ ଲାଗି ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ୍ ରୁମ୍ ରହିବ ।

କଣ୍ଟ୍ରୋଲ୍ ରୁମ୍‌ରେ ବୋର୍ଡ ଅଧିକାରୀମାନେ ବସି ପରୀକ୍ଷା କେନ୍ଦ୍ରରେ ପରିଚାଳନା ବ୍ୟବସ୍ଥାକୁ ଅନୁଧ୍ୟାନ କରିବେ । ସିଧା ପ୍ରସାରଣ ସମୟରେ ଯଦି କୌଣସି କେନ୍ଦ୍ରର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୁଏ, ବୋର୍ଡ ଦ୍ୱାରା ଗଠିତ ସ୍କାଡ ତ୍ୱରିତ୍ୱ ପଦକ୍ଷେପ ନେବା ସହ କାର୍ଯ୍ୟାନୁଷ୍ଠାନ ନେବ । ସେ କହିଛନ୍ତି ଯେ ପରୀକ୍ଷାର୍ଥୀ ସକାଳ ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବେ । ପରୀକ୍ଷା ପୂର୍ବାହ୍ନ ୯ଟାଠାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ହେବ । ପ୍ରଶ୍ନପତ୍ରରେ ସିଏଲ୍ ନମ୍ବର ରହିବ । ଫଳରେ ଯଦି ଏହା ଲିକ୍ ହୁଏ ତାହା କେଉଁ କେନ୍ଦ୍ରରୁ ହୋଇଛି ତାହା ସହଜରେ ଜଣାପଡ଼ିବ । ଫେବୃଆରୀ ୧୨ରେ କେନ୍ଦ୍ରକୁ ପ୍ରଶ୍ନ ପଠାଯିବ ତାହା ୧୯ ଫେବୃଆରି ସୁଦ୍ଧା କେନ୍ଦ୍ରରେ ପହଞ୍ଚିବ । ଚଳିତ ବର

କଖାରୁ ଫୁଲ ଅଣ୍ଡା ଝଟ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଝଟ ମସଲା, ଜଲଜିରା ପାଉଡର, ଝଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଝଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଝଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଝଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଝଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଝଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।

..... ଖବର .....

ଆସିଲା ବିକ୍ରମ ଭଟ୍ଟଙ୍କ 'ତୁମକୋ ମେରି କସମ୍' ଟିଜର

ବିକ୍ରମ ଭଟ୍ଟ ବଲିଉଡ୍‌ରେ ଲୋକପ୍ରିୟ। ଖୁବଶୀଘ୍ର ତାଙ୍କ ଚଳଚ୍ଚିତ୍ର 'ତୁମକୋ ମେରି କସମ୍' ମୁକ୍ତିଲାଭ କରିବାକୁ ଯାଉଛି। ଏହାର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି, ଯେଉଁଥିରେ ଥ୍ରୀଲରର ତଡ଼କା ସହ କୋର୍ଟ ରୁମ୍ ଡ୍ରାମା ଦେଖିବାକୁ ମିଳିଛି। ଫିଲ୍ମ 'ତୁମକୋ ମେରି କସମ୍'ରେ ଅନୁପମ ଖେର ଏକ ଆଇଭିଏଫ ହସ୍ପିଟାଲ ସହ ଜଡ଼ିତ ଥିବା ନଜର ଆସିଛନ୍ତି। ଏଥିସହ ଫିଲ୍ମର ଟିଜରରେ କୋର୍ଟ ରୁମ୍ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ତେବେ ଆଇଭିଏଫ୍ ଏବଂ କୋର୍ଟ ମାମଲା ମଧ୍ୟରେ କ'ଣ ସମ୍ପର୍କ ରହିଛି, ତାହା ଫିଲ୍ମ ଦେଖିବା ପରେ ହିଁ ଜଣାପଡ଼ିବ। କିନ୍ତୁ ଟିଜରରେ ଅନୁପମ ଖେର, ଅଦା ଶର୍ମା ଓ ଇଶା ଦେଓଲଙ୍କ ଦମ୍‌ଦାର ସଂଳାପ ଶୁଣିବାକୁ ମିଳିଛି।ମାର୍ଚ୍ଚ ୨୧ରେ ପରଦାକୁ ଆସିବ ବିକ୍ରମ ଭଟ୍ଟ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ତୁମ୍କୋ ମେରି କସମ୍'। ଇନ୍ଦିରା ଏଣ୍ଟରଟେନମେଣ୍ଟ ଏଲଏଲପି ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରକୁ ମହେଶ ଭଟ୍ଟ ମଧ୍ୟ ମିଳିତ ଭାବରେ ନିର୍ମାଣ କରୁଛନ୍ତି।

ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଝଉଳ

ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶରୀର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ। ଯାହାଦ୍ୱାରା ତ୍ୱଚାରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଝଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଝଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

- ବର୍ଷା ଦିନେ ଆଲମାରୀରେ ଝଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଝଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଝଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଝଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଝଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଝଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଝଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଝ ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଝ ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଝ, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଝ'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଝ 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:

◆ ଯେଉଁମାନେ ଓଜନ ହ୍ରାସ କରିବାକୁ ଝହାଁନ୍ତି, ସେମାନେ ଏହି ଝ 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

◆ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

◆ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଝ ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

◆ କର୍କଟ ରୋଗରେ ଏହି ଝ ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

◆ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଝ ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ଏହାକୁ କିପରି ପ୍ରସ୍ତୁତ କରିବେ

◆ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଝହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଝହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

ପ୍ରତିଦିନ ଡାଏଟରେ ସାମିଲ୍ କରନ୍ତୁ ତେନ୍ତୁଳି ଜୁସ୍

ଅଧିକାଂଶ ଲୋକ ମିଠା ଏବଂ ଖଟା ଖାଇବାକୁ ପସନ୍ଦ କରନ୍ତି। ସେ ଜୁସ୍ ହେଉ କିମ୍ବା ଚଟନି। ସେହପରି ତେନ୍ତୁଳି ଏକ ପ୍ରକାରର ଖଟା ଯାହାକୁ ସମସ୍ତେ ଖାଇବାକୁ ଇଚ୍ଛା କରନ୍ତି । କୁହାଯାଏ କି ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭଳି ଉପାଦାନ ରହିଥାଏ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଯଦି ଆପଣ ନିଜ ଡାଏଟରେ ସାମିଲ୍ କରିବାକୁ ଝହାଁନ୍ତି, ତେବେ ଆପଣ ଏହାକୁ ଜୁସ୍ ଆକାରରେ ପିଇ ପାରିବେ।

ଓଜନ ହ୍ରାସ: ତେନ୍ତୁଳି ଜୁସ୍ ଖୁବ୍ ଉପକାରୀ ଅଟେ। ତେନ୍ତୁଳି ରସରେ ସାମାନ୍ୟ ଡାଇୟୁରେଟିକ୍ ଗୁଣ ରହିଛି ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବରର ମାତ୍ର ଭରପୂରଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଭିତରର ସିଷ୍ଟମକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରିବ।

ହାର୍ଟ ସମସ୍ୟା ହ୍ରାସ: ତେନ୍ତୁଳି ଜୁସ୍ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣ ରଖିଥାଏ।

ହଜମ ପ୍ରକ୍ରିୟା ଭଲ ହେବ: ତେନ୍ତୁଳି ଜୁସ୍ ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ। ଶରୀର ସୁସ୍ଥ ରହିବା ସହ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିଥାଏ। ଅମୃତଭଣ୍ଡା, କୋଷ୍ଠକାଠିନ୍ୟ, ପେଟ ଫାଟିଯିବା କିମ୍ବା ଫୁଲିବା ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତେନ୍ତୁଳି ଜୁସ୍ ଖୁବ୍ ଲାଭଦାୟକ।

ସୌନ୍ଦର୍ଯ୍ୟ ବୃଦ୍ଧି: ବାହ୍ୟ ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ, ଆମେ ମୁହଁରେ ବହୁତ କିଛି କରିଥାଉ। ଏଥିପାଇଁ ଚର୍ମ ଭିତରରୁ ପୋଷଣ ମିଳିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ସୁସ୍ଥ ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ପରିସ୍ଥିତିରେ ପ୍ରତିଦିନ ଏହି ଜୁସ୍ ପିଇବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିପାରେ । ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ। ଯାହା ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ।

ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା

ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନଦିନ ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ । ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା

ଡ୍ରାଫ୍ଟ ୟୁଜିସିର ନିୟମାବଳୀ ଉପରେ ବିଜେଡିର ଅଭିଯୋଗ ଭିତ୍ତିହୀନ : ବିଜେପି

ଭୁବନେଶ୍ୱର,୬।୨ (ମହାଭାରତ): ରାଜ୍ୟରେ ପୂର୍ବ ବିଜେଡି ସରକାର ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ ପ୍ରଣୟନ କରି ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ନଷ୍ଟ କରିବା ପାଇଁ ବଡ଼ ଷଡଯନ୍ତ୍ର କରିଥିଲେ, ଯାହାକୁ ଶିକ୍ଷା ଜଗତ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ତେବେ ଆଜି ୟୁଜିସି ଡ୍ରାଫ୍ଟ -୨୦୨୫ ଉପରେ ବିଜେଡି ପ୍ରସଙ୍ଗବିହୀନ ଭାବେ କେନ୍ଦ୍ରକୁ ସମାଲୋଚନା କରି ରାଜନୈତିକ ଫାଇଦା ଉଠାଇବା ପାଇଁ ଯେଉଁ ଅମୂଳକ ଯୁକ୍ତି ବାଢୁଛି ତାହା ନିନ୍ଦନୀୟ ବୋଲି କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା।

ରାଜ୍ୟ କାର୍ଯ୍ୟାଳୟରେ ଏକ ପ୍ରେସମିଟ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେଡି ଦଳ ୟୁଜିସି ଗ୍ରାଣ୍ଟ କମିଶନର ଅଧ୍ୟକ୍ଷଙ୍କୁ ଚିଠି ଲେଖି ୟୁଜିସି (ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଏକାଡେମିକ୍ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ଉପରେ ଯେଉଁ ବିଷୟ ସବୁ ରଖିଛନ୍ତି, ଲାଗୁଛି ସେ ଉକ୍ତ ଡ୍ରାଫ୍ଟ ୟୁଜିସିର ନିୟମାବଳୀକୁ ପଢିନାହାନ୍ତି। କେବଳ ନାମକୁ ମାତ୍ର ବିରୋଧ କରିବା ପାଇଁ ଏହି ଚିଠିଟି ଲେଖିଛନ୍ତି। ବିଜେଡି ଯେଉଁଭଳି ଭାବେ ଡ୍ରାଫ୍ଟ ୟୁଜିସିର ନିୟମାବଳୀ ଉପରେ ରାଜ୍ୟ ସଂଘୀୟ ବ୍ୟବସ୍ଥାର ବିରୋଧ ଭଳି ଅଭିଯୋଗ ଆଣିଛି ତାହା ଭିତ୍ତିହୀନ।

ସ୍ୱାଧୀନତା ପର ଠାରୁ ବିଶ୍ୱବିଦ୍ୟାଳୟର କ୍ଷମତା କୁଳାଧିପତି ତଥା ମାନ୍ୟବର ରାଜ୍ୟପାଳଙ୍କ ହାତରେ ରହିଆସିଛି। ରାଜ୍ୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କୁଳାଧିପତି ହିଁ ଅଟନ୍ତି। ରାଜ୍ୟପାଳଙ୍କୁ ଏକ ନିର୍ଦ୍ଦିଷ୍ଟ ଆଇନ ଅଧୀନରେ କୁଳାଧିପତି କରାଯାଇଥାଏ ଏବଂ ସେହି ଆଇନକୁ ସେ ପାଳନ କରନ୍ତି। ସେ ହିଁ ବିଶ୍ୱବିଦ୍ୟାଳୟ ପାଇଁ କୁଳପତି ନିଯୁକ୍ତି କରିବାର ନିୟମ ରହିଛି। ତେବେ ବିଜେଡି କେବଳ ନାଁକୁ ସମାଲୋଚନା କରିବା ପାଇଁ ଔଷଧ ବିକଳରେ ତାଟିଆ। କାମୁଡି ଏଭଳି ତର୍କବିହୀନ ଯୁକ୍ତି ବାଢୁଛି।

ଶ୍ରୀ ପଣ୍ଡା କହିଛନ୍ତି ଯେ ତତ୍କାଳୀନ ବିଜେଡି ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରିଥିଲେ, ଯାହା ମୂଳ ଆଇନ ୧୯୮୯ ଅନେକ ବ୍ୟାପକ ପରିବର୍ତ୍ତନ ଆଣିଥିଲା, ଉକ୍ତ ଆଇନରେ ପରିବର୍ତ୍ତନ କେବଳ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ୟୁଜିସି ଆଇନର ବ୍ୟବସ୍ଥା ଏବଂ ନିୟମରେ ଦ୍ୱନ୍ଦ ସୃଷ୍ଟି କରୁନଥିଲା ବରଂ ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାର୍ଥ, ସେମାନଙ୍କ ସ୍ୱାୟତତାକୁ ମଧ୍ୟ କ୍ଷୁଣ୍ଣ କରୁଥିଲା। ବିଶ୍ୱବିଦ୍ୟାଳୟରେ କୁଳପତି ଚୟନ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓ ପଦ୍ଧତି ସମ୍ପର୍କରେ ଉପରୋକ୍ତ ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନରେ ଯେଉଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ରହିଥିଲା ତାହା କେବଳ ୟୁଜିସିର ଏହି ନିୟମାବଳୀ ସହ ଅସଙ୍ଗତ ନୁହେଁ ବରଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ନ୍ୟାୟିକ ନିର୍ଦ୍ଦେଶକୁ ମଧ୍ୟ ଅଣଦେଖା କରୁଥିଲା । ପୂର୍ବ ସରକାରଙ୍କ ଏହି ପଦକ୍ଷେପ ଗୁଡ଼ିକ ଓ ଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ସ୍ୱାୟତତାକୁ ସଂକୁଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଥିଲା ଏବଂ ଓଡ଼ିଶାରେ ଶିକ୍ଷାବିତଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସଂଶୋଧିତ ଆଇନ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ସିଣ୍ଡିକେଟ୍ ଗଠନରେ କୁଳାଧିପତି ଓ ସରକାରୀ ଅଧିକାରୀଙ୍କ ବହୁ ସଂଖ୍ୟକ ମନୋନୀତ ସଦସ୍ୟଙ୍କୁ ସାମିଲ କରାଯିବା ଶିକ୍ଷାବିତ୍ ମହଲରେ ଉଦବେଗ ସୃଷ୍ଟି କରିଥିଲା। ଏହି ସଂଶୋଧିତ ବିଲକୁ ସବୁ ଆଡୁ ବିରୋଧ କରାଯାଇଥିଲା।

ବିଜେପି ମୁଖପାତ୍ର କହିଛନ୍ତି ଯେ ୟୁଜିସିର ନିୟମାବଳି ବ୍ୟାପକ ବିଚାରବିମର୍ଶ ଆଲୋଚନା ପରେ ପ୍ରସ୍ତୁତ କରାଯାଏ ଏବଂ ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ସମ୍ମାନ ଦେଇ ଶୈକ୍ଷିକ ମାନରେ ସମାନତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଡ୍ରାଫ୍ଟ ୟୁଜିସି (ବିଶ୍ୱବିଦ୍ୟାଳୟ ଓ କଲେଜରେ ଶିକ୍ଷକ ଓ ଏକାଡେମିକ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁବିଧା ଉପାୟରେ ସେମାନଙ୍କ ଅନୁଷ୍ଠାନରେ ଶିକ୍ଷକ ଏବଂ ଶୈକ୍ଷିକ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ପଦୋନ୍ନତି ଦେବାରେ ସହାୟକ ହେବ। ୟୁଜିସିର ଉକ୍ତ ନିୟମାବଳିରେ ପ୍ରାରମ୍ଭିକ ସଂସ୍କାର ଓ ମାର୍ଗଦର୍ଶିକା ଉଚ୍ଚ ଶିକ୍ଷାର ପ୍ରତ୍ୟେକ ଦିଗରେ ନବସୃଜନ, ସମାବେଶୀ, ସରଳୀକରଣ ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ଗତିଶୀଳତାକୁ ପ୍ରୋତ୍ସାହିତ କରିବ। ଶିକ୍ଷକ ଓ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ସଶକ୍ତ କରିବ। ନିୟମାବଳୀର ପ୍ରମୁଖ ବିଶେଷତା ହେଉଛି ଯୋଗ୍ୟତା ସହ ପିଏଚଡି ଅଭିଜ୍ଞତା ଉପରେ ବିଶେଷ ଧ୍ୟାନ ଦିଆଯିବ। ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରାଯିବା ସହ ସାମଗ୍ରିକ ମୂଲ୍ୟାୟନ, ସରଳୀକରଣ ପଦୋନ୍ନତି ପ୍ରକ୍ରିୟା, ଅନ୍ତର୍ଭୁକ୍ତୀକରଣ ସହ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦେବ। ଭିନ୍ନକ୍ଷମଙ୍କ ସମେତ ଦକ୍ଷ କ୍ରୀଡ଼ାବିତମାନଙ୍କୁ ଶିକ୍ଷକତା ବୃତ୍ତିରେ ପ୍ରବେଶ କରିବାର ସୁଯୋଗ ଆଦି ପ୍ରଦାନ କରିବ ବୋଲି ସେ କହିଛନ୍ତି।

ମହାକୁମ୍ଭ ୨୦୨୫ : ସାହିତ୍ୟ, ସଂସ୍କୃତି ଓ ଜ୍ଞାନର ସଂଗମ

ଭୁବନେଶ୍ୱର,୬।୨ (ମହାଭାରତ): ପ୍ରୟାଗରାଜର ତ୍ରିବେଣୀ ସଂଗମରେ ଚାଲିଥିବା ମହାକୁମ୍ଭ ୨୦୨୫ରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପବିତ୍ର ବୁଡ଼ ପକାଇଛନ୍ତି। ଏହା ସହିତ ଏଠାରେ ସାହିତ୍ୟ, ସଂସ୍କୃତି ଓ ଜ୍ଞାନକୁ ନେଇ ଅନେକ ପ୍ରଦର୍ଶନୀ ଆୟୋଜିତ ହୋଇଛି।ଶ୍ରଦ୍ଧାଳୁଙ୍କ ଜ୍ଞାନ ଅର୍ଜନ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ତରଫରୁ ମହାକୁମ୍ଭରେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଏହି ସବୁ ଆୟୋଜନ ଜରିଆରେ ଶ୍ରଦ୍ଧାଳୁମାନେ କେବଳ ସରକାରଙ୍କ ବିଭିନ୍ନ ଯୋଜନା ଓ ସଫଳତା ସଂପର୍କରେ ଅବଗତ ହେବେ ତାହା ନୁହେଁ, ଆଧୁନିକ ଜ୍ଞାନକୌଶଳ ଜରିଆରେ ମଧ୍ୟ ଏମାନେ ଏହି ସବୁ ଯୋଜନା ସଂପର୍କରେ ଜାଣିପାରିବେ। ଏହି କ୍ରମରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂଶାସିତ ସଂସ୍ଥା ନ୍ୟାସନାଲ ବୁକ୍ ଟ୍ରଷ୍ଟ ତରଫରୁ ଏକ ଅଭିନବ ପଦକ୍ଷେପ ନିଆଯାଇ ମେଳାରେ ଏକ ରିଡିଂ ଲାଉଞ୍ଜ କରାଯାଇଛି। ଏଠାରେ ଶ୍ରଦ୍ଧାଳୁମାନେ ମାଗଣାରେ ବହି ପଢ଼ି ପାରିବେ ଓ ଜ୍ଞାନର ଏହି ମହାସାଗରର ସାରସ୍ୱତ ଆନନ୍ଦ ନେଇପାରିବେ।

ପ୍ରୟାଗରାଜର ପରେଡ୍ ଗ୍ରାଉଣ୍ଡ ସେକ୍ଟର ୧ ରେ ଥିବା ନମାମି ଗଙ୍ଗେ ପାଭେଲିୟନରେ ଏନବିଟିର ଏହି ରିଡିଂ ଲାଉଞ୍ଜ କରାଯାଇଛି। ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏହି ରିଡିଂ ଲାଉଞ୍ଜ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି ଲାଉଞ୍ଜରେ ୬୧୯ ଟି ବହି ଅଛି। ଭାରତୀୟ ଦର୍ଶନ, ଭାରତୀୟ ସଂସ୍କୃତି ଓ କୁମ୍ଭ ମେଳା ଉପରେ ଏହି ସବୁ ବହି ଲେଖା ଯାଇଛି। ଶ୍ରଦ୍ଧାଳୁଙ୍କ ଆଗ୍ରହକୁ ଦେଖି ଏଠାରେ 'କୁମ୍ଭ କେ ମେଳେ ମେଁ ମଙ୍ଗଳବାସୀ', ' ଭାରତ ମେଁ କୁମ୍ଭ' ଓ ' ଏ ଭିଜିଟ ଟୁ କୁମ୍ଭ' ପରି ପୁସ୍ତକ ଉପଲବଧ କରାଯାଇଛି। ହିନ୍ଦୀ ଭାଷାକୁ ଛାଡ଼ି ଇଂରାଜୀ ଓ ଅନ୍ୟ ଭାଷାର ବହି ବି ଏଠାରେ ରହିଛି, ଯାହା ଦ୍ୱାରା ଅଣ-ହିନ୍ଦୀ ଶ୍ରଦ୍ଧାଳୁ ମଧ୍ୟ ଏହି ଲାଉଞ୍ଜରେ ବସି ପଢ଼ିପାରିବେ। ଯୁବ ଲେଖକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ଭାବେ ପ୍ରଧାନମନ୍ତ୍ରୀ ଯୁବା ଯୋଜନା ଅଧୀନରେ ଯୁବ ଲେଖକମାନେ ଲେଖିଥିବା ବହି ଏଠାରେ ପ୍ରଦର୍ଶିତ କରାଯାଇଛି।

ଏନବିଟିର ମାର୍କେଟିଂ ଅଧିକାରୀ ଆଶିଷ ରାୟ କହିଛନ୍ତି,ଭାରତୀୟ ସଂସ୍କୃତି ସଂପର୍କରେ ଲେଖା ଯାଇଥିବା ବହିର ଅଧିକ ଚାହିଦା ରହିଛି କୁମ୍ଭମେଳାରେ। ଫଳରେ ଏହି ଲାଉଞ୍ଜରେ ସାଂସ୍କୃତିକ ସାହିତ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ଗଙ୍ଗା ନଦୀ ଉପରେ ଲେଖାଯାଇଥିବା ବିଭିନ୍ନ ପୁସ୍ତକ 'ଦି ଗଙ୍ଗା', 'ବେଦ କଳ୍ପତରୁ' ଏବଂ 'ପ୍ରାଚୀନ ତାମିଲ କିମ୍ବଦନ୍ତୀ' ପରି ପୁସ୍ତକକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରୁଛନ୍ତି। ଏହି ଲାଉଞ୍ଜର ଆଉ ଏକ ବିଶେଷତ୍ୱ ହେଲା-ଯଦି ଜଣେ ଶ୍ରଦ୍ଧାଳୁଙ୍କୁ କୌଣସି ବହି ପସନ୍ଦ ଲାଗିଲା ଓ ତାକୁ ସେ କିଣିବାକୁ ଚାହିଁଲେ, ସେହି ବହିରେ ୨୫ ପ୍ରତିଶତ ରିହାତି ମିଳିବ।

ମହାକୁମ୍ଭ ୨୦୨୫ ରେ ଏନବିଟି ମଧ୍ୟ 'ଏନବିଟି ପୁସ୍ତକ ପରିକ୍ରମା' (ମୋବାଇଲ ପୁସ୍ତକ ପ୍ରଦର୍ଶନୀ)ର ବ୍ୟବସ୍ଥା କରିଛି । ଏଥିରେ ରହିଛି ୧୧୫୦ଟି ବହି । ଗୋଟିଏ ମୋବାଇଲ୍ ପୁସ୍ତକ ପ୍ରଦର୍ଶନୀ କରାଯାଇଛି। କୁମ୍ଭ ମେଳାରେ ବୁଲିବା ସମୟରେ ଶ୍ରଦ୍ଧାଳୁମାନେ ଏହି ପୁସ୍ତକ ଦେଖିପାରିବେ ଓ ବହି କିଣିପାରିବେ । ଏହା ସହିତ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଜାତୀୟ ଇ ଲାଇବ୍ରେରୀ ସଂପର୍କରେ ସୂଚନା ପ୍ରଦାନ କରାଯାଉଛି। ଲୋକେ କେମିତି ନ୍ୟାସନାଲ ଇ-ଲାଇବ୍ରେରୀ ଆପ୍କୁ ନିଜ ନିଜ ମୋବାଇଲରେ ଲୋଡ୍ କରିପାରିବେ ଓ କ୍ୟୁଆର୍ କୋଡ୍ ସ୍କାନ କରି ହଜାର ହଜାର ବହି ପଢ଼ି ପାରିବେ ସେ ସଂପର୍କରେ ମଧ୍ୟ ଶ୍ରଦ୍ଧାଳୁଙ୍କୁ ଅବଗତ କରାଯାଉଛି। ମେଳାର ଏହି ଏନବିଟି ରିଡିଂ ଲାଉଞ୍ଜ କେବଳ ଯେ ଶ୍ରଦ୍ଧାଳୁଙ୍କ ଜ୍ଞାନ ବର୍ଦ୍ଧନ କରୁଛି ତାହା ନୁହେଁ, ଏହା ମଧ୍ୟ ସାହିତ୍ୟ, ସଂସ୍କୃତି ଓ ଡିଜିଟାଲ ଜ୍ଞାନର ଏକ ସ୍ରୋତ ସୃଷ୍ଟି କରିଛି। ଏହା ଦ୍ୱାରା ଶ୍ରଦ୍ଧାଳୁମାନେ ଧାର୍ମିକ, ଆଧ୍ୟାତ୍ମିକ, ସମସାମୟିକ ସାହିତ୍ୟର ନିକଟତର ହୋଇପାରିଛନ୍ତି। ଏହା ଦ୍ୱାରା ମହାକୁମ୍ଭ କେବଳ ଏକ ଆସ୍ଥାର କେନ୍ଦ୍ର ବିନ୍ଦୁ ପାଲଟି ନାହିଁ, ବରଂ ଏହା ପାଲଟିଛି ଜ୍ଞାନ, ସଂସ୍କୃତି ଓ ସାହିତ୍ୟର ଅପୂର୍ବ ସଂଗମ।

୧୩ରୁ ବଜେଟ୍ ଅଧିବେଶନ
ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୬।୨ (ମହାଭାରତ): ଆସନ୍ତା ୧୩ ତାରିଖରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ୍ ଅଧିବେଶନ। ୧୭ରେ ଉପସ୍ଥାପନ ହେବ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍। ସୁରୁଖୁରୁରେ ଗୃହ ପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି। ଆସନ୍ତା ୧୨ ତାରିଖରେ ବିଧାନସଭାର ସର୍ବଦଳୀୟ ବୈଠକ ବସିବ। ଦିନ ୧୧ଟା ବେଳେ ବୈଠକ ହେବଯ ଶାନ୍ତିଶୃଙ୍ଖଳାରେ ଗୃହ ପରିଚାଳନା ପାଇଁ ବାଚସ୍ପତି ସମସ୍ତଙ୍କ ସହ ଆଲୋଚନା କରିବେ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଆସନ୍ତା ଫେବୃୟାରୀ ୧୩ତାରିଖରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୩ରୁ ୨୧ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ୭ରୁ ଏପ୍ରିଲ ୫ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତିଙ୍କ ଅଭିଭାଷଣର କାର୍ଯ୍ୟକ୍ରମ ରହିଛି। ଫେବୃୟାରୀ ୧୪ ଓ ୧୫ତାରିଖ ଦୁଇଦିନ ଧରି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୧୬ତାରିଖ ରବିବାର ଛୁଟି ଥିବାବେଳେ ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବ। ୧୮ରେ ସରକାରୀ କାର୍ଯ୍ୟଦିବସ ଥିବାବେଳେ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ଆରମ୍ଭ ହେବ। ୨୨ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ। ଦ୍ୱିତୀୟ ପର୍ଯ୍ୟାୟରେ ଗୃହ କାର୍ଯ୍ୟ ମାର୍ଚ୍ଚ ୭ତାରିଖରୁ ଆରମ୍ଭ ହେବ। ବିଭାଗୀୟ ଷ୍ଟାଣ୍ଡିଂ କମିଟି ରିପୋର୍ଟ ସବୁ ଗୃହରେ ଆଗତ ହେବ। ମାର୍ଚ୍ଚ ୧୦ରୁ ବିଭାଗୱାରି ଅନୁଦାନ ଦାବି ଉପରେ ଆଲୋଚନା ହେବ। ମାର୍ଚ୍ଚ ୨୯ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଆସିବ।

ୟୁଜିସି ଚିଠା ନିୟମାବଳୀ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ କରୁଛି : ବିଜେଡି

ଭୁବନେଶ୍ୱର,୬।୨ (ମହାଭାରତ): ୟୁଜିସିର ଚିଠା ଅଧିନିୟମ-୨୦୨୫କୁ ଘୋର ବିରୋଧ କରିଛି ବିଜୁ ଜନତା ଦଳୟ ୟୁଜିସି ଚିଠା ନିୟମାବଳୀ ସଂଘୀୟ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ନେଇ ବିଜେଡି ଅଭିଯୋଗ କରିବା ସହ ପସ୍ତାବିତ ନିୟମାବଳୀ ସଂଘୀୟତା, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ଏବଂ ଭାରତରେ ଉଚ୍ଚଶିକ୍ଷାର ଗୁଣବତ୍ତା ପ୍ରତି ସିଧାସଳଖ ବିପଦ ସୃଷ୍ଟି କରୁଛି ବୋଲି କହିଛି।

ଆଜି ଏହି ପ୍ରସଙ୍ଗକୁ ନେଇ ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର ଓ ଜାତୀୟ ମୁଖପାତ୍ର ତଥା ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକ ୟୁଜିସି ଚିଠା ନିୟମାବଳୀ ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ସଂଶୋଧିତ ନିୟମ ଲାଗୁ ହେଲେ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କେନ୍ଦ୍ର ନିୟନ୍ତ୍ରଣକୁ ଆସିଯିବ। ରାଜ୍ୟପାଳମାନଙ୍କ ଦ୍ୱାରା ପରୋକ୍ଷରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣ ଜାହିର କରିବା ଏହି ଅଧିନିୟମର ଲକ୍ଷ୍ୟ ଏବଂ ଏହାଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ଚୟନ କିମ୍ବା ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକା ସଙ୍କୁଚିତ ହେବ। ଏହାଛଡ଼ା ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ଗବେଷଣା, ସହଯୋଗ ଏବଂ ଅଧ୍ୟାପକ-କର୍ମଚାରୀ ଚୟନ ଦାୟିତ୍ୱରେ ଥିବା କମିଟିଗୁଡ଼ିକର କ୍ଷମତାକୁ ମଧ୍ୟ ସଂକୁଚିତ କରି ଦିଆଯିବ। ଏହି ଅଧିନିୟମ ଲାଗୁ ହେବା ପରେ ସମସ୍ତ କ୍ଷମତା କୁଳାଧିପତିଙ୍କଠାରେ (ଅର୍ଥାତ୍ ସମ୍ପୃକ୍ତ ରାଜ୍ୟର ରାଜ୍ୟପାଳ) କେନ୍ଦ୍ରିତ ହେବ। ଯାହା ଭାରତୀୟ ସମ୍ବିଧାନରେ ଥିବା ସଂଘୀୟ ନୀତିକୁ ସ୍ପଷ୍ଟ ଭାବରେ କ୍ଷୁର୍ଣ୍ଣ କରୁଛି ବୋଲି ଦେବୀ ମିଶ୍ର କହିଛନ୍ତି।

ପୂର୍ବତନ ରାଜ୍ୟସଭା ସାଂସଦ ଡ଼ ଅମର ପଟ୍ଟନାୟକ କହିଛନ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକୁ ପାଣ୍ଡି ଏବଂ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ, ନିଯୁକ୍ତି ପ୍ରକ୍ରିୟାରେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଉଛି। କୁଳପତି ନିଯୁକ୍ତି ପ୍ରକ୍ରିୟାରେ ଯଦି କୌଣସି ରାଜ୍ୟ ସରକାରଙ୍କ ପ୍ରତିନିଧି ନରହିବେ, କେବଳ ବିଜ୍ଞାପନ ବାହାରିବ ଓ ସେମାନେ ଶିକ୍ଷା ବ୍ୟତୀତ ଅନ୍ୟ କ୍ଷେତ୍ରରୁ ଆସିବେ। ତାହେଲେ ସଂଘୀୟ ସ୍ୱୟଂଶାସନ କେଉଁଠି ରହିବ ? ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶ ଝାଡ଼ଖଣ୍ଡ ଏହାକୁ ବିରୋଧ କରିଛନ୍ତି। ଏହି ନିୟାମକ ଦ୍ୱାରା କୁଳାଧିପତି କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରହିବେ। ଏହି ଚିଠା ନିୟାମକକୁ ସଂଶୋଧନ କରା ନଗଲେ ବିଜେଡି ରାଜରାସ୍ତାକୁ ଆସିବ ବୋଲି ଦିଆଯାଇଛି ଚେତାବନୀ। ୟୁଜିସି ଚିଠା ନିୟାମକ-୨୦୨୫କୁ ୨୦୧୮ରେ ପ୍ରସ୍ତୁତ କରାଯାଇଥିଲା। ସେଥିରେ ରାଜ୍ୟ ବିଶ୍ୱବିଦ୍ୟାଳୟର ସ୍ୱୟଂଶାସନ, ନିଯୁକ୍ତି ଆଦି ପ୍ରସଙ୍ଗ ସଂଘୀୟ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ ଥିଲା। ମାତ୍ର ବର୍ତ୍ତମାନର ନିୟାମକକୁ ଅନେକ ଆଶଙ୍କା ରହିଥିବା ବିଜେଡି କହିଛି। ସଂଘୀୟ ବ୍ୟବସ୍ଥା ଅନୁସାରେ କୁଳପତି ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିନିଧି ରହିବା ଦରକାର। ସବୁ ଅଂଶୀଦାର ମାନଙ୍କ ସହ ଆଲୋଚନା ହେବା ଦରକାର। ନିଯୁକ୍ତି ପାଇଁ ଯେଉଁ ନୀତିନିୟମ ରହିଛି ସେଥିରେ ଯେକୌଣସି ବ୍ୟକ୍ତି କୁଳପତି ହୋଇପାରିବେ। ଏଥିରେ ବାହ୍ୟ ହସ୍ତକ୍ଷେପ ନରହିବା ବିଜେଡିର ମତୟ ଦଳ କହିଛି-ସର୍ଚ୍ଚ କମିଟି, ଚୟ

ସବୁ ବର୍ଗ ସନ୍ତୁଷ୍ଟ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ କେନ୍ଦ୍ରୀୟ ବଜେଟକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏହା ଦ୍ୱାରା ସମାଜର ସବୁ ବର୍ଗ ଉପକୃତ ହେବେ ଏବଂ ସବୁ ଆୟକାରୀଙ୍କ ପାଇଁ ଏହା ସ୍ୱାଗତଯୋଗ୍ୟ। ରାଜକୋଷ ବୃଦ୍ଧିକୁ ଗୁରୁତ୍ୱ ପରିବର୍ତ୍ତେ ବଜେଟରେ ସାଧାରଣ ଲୋକଙ୍କ ପକେଟକୁ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ଯାହାର ଯଥାର୍ଥତା ରହିଛି। ସବୁ ବର୍ଗର ଲୋକଙ୍କୁ ଖୁସି କରିବା ପାଇଁ ବଜେଟରେ ବ୍ୟବସ୍ଥା ରହିଛି। ଗରିବ, କୃଷକ, ମହିଳା ଏବଂ ଯୁବର୍ଗଙ୍କ ବିକାଶକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଯଥାର୍ଥରେ ବଜେଟରେ ସବକା ସାଥ, ସବକା ବିକାଶ ଲକ୍ଷ୍ୟ ପ୍ରତିଫଳିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବେତନଭୋଗୀଙ୍କ ସପକ୍ଷରେ ଯାଇଛି। ତାହା ହେଲା ବାର୍ଷିକ ୧୨ ଲକ୍ଷ ଟଙ୍କାର ଆୟ ପର୍ଯ୍ୟନ୍ତ ଆୟକର ଛାଡ଼ ନିଷ୍ପତ୍ତି। ୭୫ ହଜାର ଟଙ୍କାର ଷ୍ଟାଣ୍ଡାର୍ଡ ଡିଡକସନକୁ ମିଶାଇଲେ ବାର୍ଷିକ ୧୨ ଲକ୍ଷ ୭୫ ହଜାର ଟଙ୍କାର ପର୍ଯ୍ୟନ୍ତ ଦରମା ପାଉଥିବା ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। କିନ୍ତୁ କ୍ୟାବିଟାଲ ଗେନ ଏଥିରୁ ବାଦ ପଡ଼ିଛି। ବାର୍ଷିକ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାପିଟାଲ ଗେନ ବାବଦ ଆୟ ଟିକସ ମୁକ୍ତ ହେବ। ଏହାଠାରୁ ଅଧିକ ଆୟ ଉପରେ ଟିକସ ପଡ଼ିବ। କିନ୍ତୁ ବେତନଭୋଗୀ ମାନେ ଏଥିରୁ ବାଦ ପଡ଼ିଛନ୍ତି। ଏହି ବର୍ଗର ସଂଖ୍ୟା ସମାଜରେ ସର୍ବାଧିକ। ସେମାନେ ବଜେଟରେ ଥିବା ଆୟକର ଛାଡ଼ ସୀମାକୁ ନେଇ ଖୁସ। ବର୍ତ୍ତମାନର ମୁଦ୍ରାସ୍ଫୀତି ହାରକୁ ଦୃଷ୍ଟିରେ ରଖି ସରକାର ଆୟକର ଛାଡ଼ ସୀମାକୁ ବଢ଼ାଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବଜେଟରେ ଆହୁରି ଅନେକ ବ୍ୟବସ୍ଥା ରହିଛି ଯାହା ଗରିବ ଏବଂ ମଧ୍ୟବିତ୍ତ ବର୍ଗର ଲୋକଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇପାରେ। ବଜେଟରେ କୃଷକ କଲ୍ୟାଣକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। କିଷାନ କ୍ରେଡିଟ କାର୍ଡ ମାଧ୍ୟମରେ ଲୋନ ପରିମାଣ ୩ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା କୃଷି କ୍ଷେତ୍ରରେ ନିବେଶ ବଢ଼ିବ। ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଲାଗି ସର୍ବାଧିକ ୬.୮୧ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ବ୍ୟୟ ବରାଦ ହୋଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପାଇଁ। ନିର୍ମଳା କହିଛନ୍ତି ଯେ, ଆସନ୍ତା ୫ ବର୍ଷ ଭିତରେ ଦେଶରେ ୭୫ ହଜାର ନୂଆ ମେଡିକାଲ ସ୍ଥାପନ ହେବ। ଆସନ୍ତା ବର୍ଷ ଦେଶରେ ଏମବିବିଏସ ପାଠ୍ୟକ୍ରମରେ ୧୦ହଜାର ନୂଆ ସିଟ ପ୍ରତିଷ୍ଠା ହେବ। ଏହା ଦ୍ୱାରା ଦେଶରେ ଡାକ୍ତରଙ୍କ ଅଭାବ ଦୂର ହୋଇପାରିବ ଏବଂ ସ୍ୱାସ୍ଥ୍ୟସେବାର ମାନ ବୃଦ୍ଧି ହେବ। ବଜେଟରେ ୩୬ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ଉପରେ ଶୁଳ୍କ ହ୍ରାସ ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ଅନେକ ରୋଗର ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ ଏବଂ ଗରିବ ଲୋକଙ୍କ ଉପରୁ ଚିକିତ୍ସା ଖର୍ଚ୍ଚ ବାବଦ ବୋଝ ହ୍ରାସ ପାଇବ। ବଜେଟରେ ଏକ ବଡ଼ ନିଷ୍ପତ୍ତି ହେଲା ଇଭି ଏବଂ ମୋବାଇଲ ବ୍ୟାଟେରୀ ଉପରେ ଟିକସ ହ୍ରାସ। ଏହା ଦ୍ୱାରା ଇଭି ମୂଲ୍ୟ ହ୍ରାସ ପାଇବ ଏବଂ ଏହାର ଆଦ୍ରୁତି ବଢ଼ିବ। ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସରେ ଏହା ସହାୟକ ହେବ। ନିଜ ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଆର୍ଥିକ ବର୍ଷରେ ୧.୭୫ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଉତ୍ପାଦନ ହେବ ଏବଂ ୨୦୨୯ ସୁଦ୍ଧା ଏହା ୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ବଜେଟରେ ଏମଏସଏମଇ ସେକ୍ଟରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହାକୁ ବିକାଶର ଦ୍ୱିତୀୟ ଇଞ୍ଜିନ ବୋଲି କୁହାଯାଇଛି। ଦେଶରେ ମହିଳା ଉଦ୍ୟୋଗୀ ସୃଷ୍ଟି ପାଇଁ ଲକ୍ଷ୍ୟ ରଖି ବଜେଟରେ ଅର୍ଥ ବରାଦ କରାଯାଇଛି। ସେହିପରି ଷ୍ଟାର୍ଟଅପ ଲାଗି ଅତିରିକ୍ତ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

‘କୋଟା’ର କଣ୍ଠା ଓ ସ୍ୱପ୍ନର ସମାଧି

॥ ଡାକ୍ତର ସମ୍ରାଟ କର ॥

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ।

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।’ – ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁନିଟ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ୍ୟ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ।

ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ୱା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି ? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କାରଣ ଅତ୍ୟଧିକ ଚାପ ଜଣକୁ ବ୍ୟସ୍ତ ବିବ୍ରତ କରିଦେଇଥାଏ ଏବଂ ଏହା ମାନସିକ ଏକାଗ୍ରତା ପାଇଁ ମଧ୍ୟ ବାଧକ ଆଉ ଏହି ଚାପ ଜନିତ କାରଣ ପାଇଁ ଜଣେ ନାଁ ଠିକ ଭାବେ ଖାଇପାରେ ନାଁ ଠିକ ଭାବେ ବିଶ୍ରାମ ନେଇପାରେ। ସେମାନେ ଏକ ପ୍ରକାର ବିଚିତ୍ର ତ୍ରିଶଙ୍କୁ ଭିତରେ ଝୁଲିଲା ପରି ମାନସିକ ଅବସାଦ ଭିତରକୁ ଠେଲି ହୋଇଯାଆନ୍ତି ଏବଂ ଅନେକ କ୍ଷେତ୍ରରେ ଦୁର୍ଭାଗ୍ୟକୁ ସେମାନଙ୍କର ମାନସିକ କ୍ଷେତ୍ରକୁ ଆଶ୍ୱାସନା, ପ୍ରବୋଧନା ଦେବା ପାଇଁ ପାଖ ଲୋକ ଜଣେ କେହି ନଥାଏ। ତେଣୁ ଏପରି ସମୟରେ କେବଳ ମନସ୍ତତ୍ତ୍ୱବିତଙ୍କ ପଇଁ ନୁହଁ ଅଭିଭାବକମାନଙ୍କ ସହ ଶିକ୍ଷାବିତ, ବୁଦ୍ଧିଜୀବୀ ସର୍ବୋପରି ଏହି ତଥାକଥିତ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଓ ସଂସ୍ଥାପକ ମାନଙ୍କର ଗୁରୁଦାୟିତ୍ୱ ରହିଛି। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଅନୁଚିନ୍ତନରେ ଦେବଭାଷା ସଂସ୍କୃତ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସଂସ୍କୃତ ଭାଷାର ପ୍ରାଚୀନତା, ବ୍ୟାପକତା ତଥା ଏହାର ବିପୃତ୍ତି ପାଇଁ ସାଧାରଣରେ ଭାଷା ପ୍ରତି ଶ୍ରଦ୍ଧା ରଖୁଥିବା ପ୍ରତିଟି ଲୋକପାଇଁ ଆଜି ହେଉଛି ଏକ ଅତ୍ୟନ୍ତ ପବିତ୍ରତମ ଦିବସ । ଦେବଭାଷା ସଂସ୍କୃତର ପ୍ରାଚୀନତା କାହାକୁ ବା ଅଜଣା । ଏହି ଭାରତୀୟ ଆର୍ଯ୍ୟ ଭାଷାରୁ ଅଧିକାଂଶ ଭାରତୀୟ ଓ ବିଶ୍ୱ ଭାଷାର ସୃଷ୍ଟି । ଏହି ଭାଷା ଏବେ ବିଲୁପ୍ତ ପ୍ରାୟ । ୨୦୨୦ର ଏକ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାଭାଷୀଙ୍କ ସଂଖ୍ୟା ୧,୧୪,୧୩୫ ମଧ୍ୟରେ ସୀମିତ । ଏହି ପରିପ୍ରେକ୍ଷୀରେ କର୍ଣ୍ଣାଟକ ଅନ୍ତର୍ଗତ ମାଙ୍ଗୁର ଗ୍ରାମର ସମସ୍ତ ବାସିନ୍ଦା କେବଳ ଏହି ଭାଷାରେ କଥାବର୍ତ୍ତା ହେଉଥିବା ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ସିମୋଗା ସହରଠାରୁ ମାତ୍ର ୧୦ କିମି ଦୂରରେ ଏହି ଗାଁ ଅବସ୍ଥିତ ଏବଂ ଗ୍ରାମବାସୀଙ୍କ ବ୍ୟାବହାରିକ ଭାଷା ସଂସ୍କୃତ । ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କର ଜୀବିକା କୃଷି । ୧୯୮୨ ପର୍ଯ୍ୟନ୍ତ ସେମାନଙ୍କର ମାତୃଭାଷା ଥିଲା କନ୍ନଡ଼ । ସେହି ବର୍ଷ ସଂସ୍କୃତ ଭାରତୀ ନାମକ ଅନୁଷ୍ଠାନ ଭାଷା ପ୍ରଚାର ପାଇଁ ବାଛିଥିଲା ମାଙ୍ଗୁର୍ ଗାଁକୁ । ଅନୁଷ୍ଠାନ ସହ ଜଡ଼ିତ ସ୍ୱେଚ୍ଛାସେବୀମାନେ ଏକ ୧୦ ଦିନିଆ ଶିକ୍ଷା ଯୋଜନାରେ ସଂସ୍କୃତରେ କିପରି କଥାବାର୍ତ୍ତା କରିହେବ ସେଠାକାର ବାସିନ୍ଦାଙ୍କୁ ଶିଖାଇଲେ । ସ୍ଥାନୀୟ ଲୋକେ ମଧ୍ୟ ଆଗ୍ରହରେ ତାହା ଗ୍ରହଣ କଲେ । ଏମିତି ଜଣେ ଅନ୍ୟକୁ ଶିଖାଇଲା । ପିଲାମାନେ ବି ଶିଖିଲେ । କିଛି ବର୍ଷ ମଧ୍ୟରେ ସମସ୍ତେ ପାଲଟିଗଲେ ସଂସ୍କୃତଭାଷୀ ଏବଂ ସେହି ଭାଷାକୁ ବ୍ୟବହାର କଲେ ଭାବ ପରିପ୍ରକାଶ ପାଇଁ । ମାଙ୍ଗୁର୍‌ବାସୀଙ୍କ ପ୍ରଭାବରେ ଆସି ନିକଟବର୍ତ୍ତୀ ହୋସାହାଲି ଗ୍ରାମର ଲୋକେ ମଧ୍ୟ ଏବେ ସଂସ୍କୃତରେ କଥାବାର୍ତ୍ତା ହେଉଛନ୍ତି । ପୁଣି ମଧ୍ୟ ପ୍ରଦେଶ ଅନ୍ତର୍ଗତ ରାଜଗଡ଼ ଜିଲ୍ଲା ଅନ୍ତର୍ଗତ ଝିରି ଗାଁର ଲୋକେ ମଧ୍ୟ ସଂପ୍ରତି କେବଳ ସଂସ୍କୃତରେ କଥା ହେଉଥିବା ପ୍ରକାଶ । ଏମିତି ଧୀରେ ଧୀରେ ସଂସ୍କୃତ ଭାଷାର ପୁନରୁଦ୍ଧାର ହେଉଛି ।

ସାଧାରଣରେ ବେଦ ଭାଷା ବା ଭଗବାନଙ୍କ ଭାଷାରୂପେ ସଂସ୍କୃତକୁ ସମସ୍ତେ ବୁଝନ୍ତି । ତେବେ ଭାରତ ବାହାରେ ଅନେକ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ନେପାଳ, ଶ୍ରୀଲଙ୍କା, ଫିଲିପାଇନସ୍ ପରି କିଛି ବିଦେଶ ରାଷ୍ଟ୍ରରେ ସଂସ୍କୃତ ଭାଷାକୁ ସ୍ଥାନୀୟ ସରକାର ସମ୍ମାନ ଦେବା ସହ ସେମାନଙ୍କର ସରକାରୀ ଭାଷା ସିଡ଼ୁଲ୍‌ରେ ସଂସ୍କୃତ ପରି ପ୍ରାଚୀନତମ ଭାଷା ବି ସ୍ଥାନିତ ହୋଇଛି । ତେବେ ସାଧାରଣରେ ହିନ୍ଦୀ ଓ ସଂସ୍କୃତ ଅପେକ୍ଷା ହିନ୍ଦୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯାଇଥିବାରୁ ସଂସ୍କୃତ ଭାଷା କିଛିକାଂଶରେ ପଛୁଆ ପଡ଼ିଯାଇଛି କହିଲେ ଭୁଲ୍ ହେବନାହିଁ । ସଂସ୍କୃତ ଭାଷାକୁ ଗୁଜୁରାଟ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ ପରି ରାଜ୍ୟରେ ବହୁତ ଗୁରୁତ୍ୱ ଦିଆଯାଏ । ଏହି ରାଜ୍ୟମାନଙ୍କରେ ସଂସ୍କୃତ ବହିର ବ୍ୟାପକ ବିକ୍ରି ହେବା ସହିତ ସଂସ୍କୃତ ଭାଷାରେ କଥାବାର୍ତ୍ତା ଅଧିକାଂଶ ଲୋକ ହୋଇଥାନ୍ତି । ତେବେ ସବ

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ମଣିଷ କାନ ଛିଣ୍ଡାଇ ଖାଇଦେଲେ ଯୁବକ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଞ୍ଚାୟତ ମହନ୍ତସାହି ର ଯୁବକ ନାଗାର୍ଜୁନ ଦାସ ଙ୍କ ବାମପଟ କାନ ଦାନ୍ତରେ ଛିଣ୍ଡାଇ ଚୋବାଇଦେଲେ ଯୁବକ, ଏହିଭଳି ଏକ ଘଟଣା ଆଜି ସକାଳୁ ଅସ୍ତରଙ୍ଗ ଅଞ୍ଚଳ ରେ ଚାଞ୍ଚଲ୍ୟ ଭଳି ଖେଳିଯାଇଛି। ସୂଚନା ମୁତାବକ ଜିଉଁନ୍ତି ନିକଟ ଜିଓଲ ଗ୍ରାମ ରେ ଏକ ଅଷ୍ଟମପ୍ରହରୀ କାର୍ଯ୍ୟକ୍ରମ ରେ ଯୁବକ ଜଣଙ୍କ ପ୍ରସାଦ ସେବନ କରିବା ପାଇଁ ଯାଇଥିଲେ। ରାତ୍ର ୧୧ ଘଟିକା ସମୟ ରେ ଫେରୁଥିବା ବେଳେ ଜିଉଁନ୍ତି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ କିଛି ଯୁବକ ମାନଙ୍କ ଗୋଷ୍ଠୀ ଗଣ୍ଡଗୋଳ ଦେଖି ନାଗାର୍ଜୁନ ଛଡେଇବାକୁ ପ୍ରୟାସ କରିଥିଲେ। ମାତ୍ର ଏହି ସମୟ ରେ ଉକ୍ତ ଗୋଷ୍ଠୀ ଙ୍କ ଭିତରୁ ଜଣେ ଦୁର୍ବୁତ୍ତ ନାଗାର୍ଜୁନ ଙ୍କ ବାମ ପଟ କାନ କୁ ଦାନ୍ତ ରେ ଜୋରେ କାମୁଡି ଧରିଥିଲେ, ଯୁବକ ଜଣଙ୍କ ଯେତେ ଚିତ୍କାର କରୁଥିଲେ ମଧ୍ୟ ସେହି ଦୁର୍ବୁତ୍ତ ଙ୍କ ପାଖରୁ ନିଜକୁ ରକ୍ଷା କରିପାରିନଥିଲେ। ପରିଶେଷରେ ଯୁବକ ଙ୍କ କାନ ରୁ ଖଣ୍ଡେ ଦୁର୍ବୁତ୍ତ ଜଣଙ୍କ ପାଟିରେ ପୁରାଇ ଚୋବାଇ ଫିଙ୍ଗି ଦେଇଥିବା ଯାହା ଲୋକଙ୍କ କଥୋପ କଥନ ରୁ ଜଣା ପଡିଛି, ଯୁବକ ଜଣଙ୍କ ଅସ୍ତରଙ୍ଗ ବ୍ଲକ ସରିପୁର ଆଦର୍ଶ ବିଦ୍ୟାଳୟ ରେ ପିଅନ ଭାବେ କାର୍ଯ୍ୟ କରନ୍ତି, ଘଟଣା ସ୍ଥଳରୁ କିଛି ଲୋକ ତାଙ୍କୁ ଉଦ୍ଧାର କରିବା ପରେ ପରିବାର ଲୋକ ଙ୍କ ସହାୟତା ରେ କଟକ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି ବୋଲି ଯାହା ସୂଚନା ରହିଛି। ଏଯାବତ ତାଙ୍କ ପରିବାର ପକ୍ଷ ରୁ ଥାନା ରେ ଅଭିଯୋଗ ହୋଇଛି କି ନାହି ଜଣାପଡ଼ିନଥିବା ବେଳେ ତାଙ୍କ ପରିବାର ସହିତ କୌଣସି ପ୍ରକାରେ ଯୋଗାଯୋଗ ହୋଇପାରିନାହିଁ ।

ନବରତ୍ନପୁର ଗ୍ରାମ ଚୋରା ଗଞ୍ଜେଇ ଚାଲାଣର ଆଡ୍ଡା ସାଜିଛି

ଆସିକା (ମହାଭାରତ)ଦୀର୍ଘ ଦିନ ଧରି ସ୍ଥାନୀୟ ଅବକାରୀ ଓ ପୋଲିସ କୁ ଚକମା ଦେଇ ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ଏକ ଚୋରା ଗଞ୍ଜେଇ ମାଫିଆ ବିପୁଳ ପରିମାଣର ଗଞ୍ଜେଉ ଭୁବନେଶ୍ୱର, କଲିକତା, ଆନ୍ଧ୍ରପ୍ରଦେଶ, ମୁମ୍ବାଇ କୁ ଚାଲାଣ କରୁଥିଲା। ପୂର୍ବ ଯୋଜନା ମୁତାବକ ଜାଲ ବିଛାଇ ରଖିଥିବା ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଓ ଆସିକା ଅବକାରୀ ବିଭାଗ ଆଜି ସନ୍ଦେହ ରେ ଧରାକୋଟ ଭଣ୍ଡାରିବାସ ନିକଟରେ ଦୁଇଟି ଗାଡି ଯଥା ଓଡି ୩୨ଜେ ୦୩୭୦ଗୋଟିଏ ଲିଲେଣ୍ଡ ପିକଅପ ଭ୍ୟାନ ଓ ଓଡି ୦୨ସି ୯୭୨୦ନମ୍ବର ର ଗୋଟିଏ ମାରୁତି ବେଲେନୋ କୁ ଅଟକାଇ ଯାଞ୍ଚ କଲା ବେଳେ ୭୦କିଲୋ (ମାନିଶିଲା)ଗଞ୍ଜେଇ ଜବତ କରିବା ସହ ଡ୍ରାଇଭର ନବରତ୍ନପୁର ଗ୍ରାମର ସନ୍ତୋଷ ପୋଲାଇ(୩୧)ସହିତ ଉକ୍ତ ଗ୍ରାମର ଗଞ୍ଜେଇ ଚୋରା ଚାଲାଣ କାରି ଟୁଟୁ ପୋଲାଇ(୩୨)ଓ ସୁନୀଲ ସ୍ୱାଇଁ ବୟସ ୨୧ ନବରତ୍ନପୁର ହୋଇଥିବା ବେଳେ ପୋଲସରା ଥାନା ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମର ଅଶୋକ ସାହୁକୁ ଗିରଫ କରାଯିବା ସହ ସେମାନେ ବ୍ୟବହାର କରୁ ଥିବା ୬ ଟି ମୁଲ୍ୟବାନ ମୋବାଇଲ୍ ଜବତ କରିଥିବା ବେଳେ ଜଣେ ଅପରାଧୀ ଘଟଣା ସ୍ଥଳରୁ ଦୌଡି ଫେରାର ହେବାରେ ସକ୍ଷମ ହୋଇଛି। ଅବକାର ବିଭାଗ ପକ୍ଷରୁ ଆରପି ୫୪୧/୨୦୨୪-୨୫ ରକ୧୮ରଇ ଟଘଓଞ-ଓଓ ଘଉଚଉ ଇଉଞ ୧୯୮୫ ଦଫାରେ ମାମଲା ରୁଜୁ ୭୦କିଲୋ ଗଞ୍ଜେଇ ୨ଟି ଗାଡି ୬ଟି ମୋବାଇଲ୍ ସହ ୪ ଜଣ ଅପରାଧୀଙ୍କୁ ଆସିକା କୋର୍ଟ ଚାଲାଣ କରାଯିବା ଜଣାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅପରାଧୀ ମାନଙ୍କୁ ଆସିକା ସବଜେଲକୁ ପଠାଜାଇଥିବା ଜଣାଯାଇଛି।ପ୍ରକାଶଥାଉକି ଦିର୍ଘଦିନ ହେଲା ଆସିକା ଥାନା ନବରନ୍ତପୁର ଗ୍ରାମର ଗୋଟିଏ ନିର୍ଦ୍ଦେଷ୍ଟ ଯୁବକ ଗୋଷ୍ଠି ଦାରିଙ୍ଗିବାଡି ଅଞ୍ଚଳରୁ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ପୁରୁଷୋତ୍ତମପୁର ଏକ ନିର୍ଦ୍ଦେଷ୍ଟ ଅ□ଳରେ ଗଞ୍ଜେଇ ପ୍ୟାକ କରି କେଶପୁରୁ ରେଲୱେ ଷ୍ଟେସନରୁ ବମ୍ବେ ଚାଲାଣ କରୁଥିବି ଅପରାଧୀ ମାନେ ସ୍ୱିକାର କରିଥିବା ବେଳେ ଏହି ଗୋଷ୍ଠି ଦିଘଦିନ ହେଲା ବମ୍ବେ, ସୁରତ , କଲିକତା ଗଞ୍ଜେଇ ଚୋରାରେ ପଠାଉଥିବା ବେଳେ ଦୀର୍ଘଦିନ ପରେ ଅବକାରୀ ବିଭାଗ ଗିରଫ କରିବାରେ ସଫଳ ହୋଇଛି।ଏହି ଗଞ୍ଜେଇ କେସରେ ଅବକାରୀ ଡେପୁଟି ସୁପରଟେଣ୍ଡେ ସ୍ମୃତିକାନ୍ତ ରାଉତ ଏସ ଆଇ ଅଜିତ ନାୟକ, ଏସ ଆଇ ଆସିକା ଅବକାରୀ ରାକେଶ ଖୁଣ୍ଟିଆ ସହ ବ୍ରହ୍ମପୁର ସ୍ୱତନ୍ତ୍ର ସ୍ୱାର୍ଥ ଆସିକା ଓ ସୋରଡ଼ା ଅବକାରୀ ବିଭାଗ ଏହି ଚଢ଼ାଉ ରେ ଯୋଗ ଦେଇଥିଲେ।

ନିଜର ହକ୍ ପାଇଁ ରାଜ ରାସ୍ତାରେ ଦିବ୍ୟାଙ୍ଗ

କପ୍ତିପଦା -(ମହାଭାରତ):କପ୍ତିପଦା ରାଜ ରାସ୍ତା ରେ ଦିବ୍ୟଙ୍ଗ । ନିଜର ହକ୍ ପାଇଁ ସରକାର ଙ୍କୁ ଦାବୀ ଜଣାଇବା ପାଇଁ ଅଣ୍ଡା ଭିଡ଼ିଛନ୍ତି । ନିର୍ବାଚନ ପୂର୍ବରୁ ଇସ୍ତାହାର ରେ ଦିବ୍ୟାଙ୍ଗ ମାନଙ୍କୁ ୩୦୦୦ ଟଙ୍କା ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ଦିବ୍ୟଙ୍ଗ ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି ଦିବ୍ୟଙ୍ଗ । ଏହି ପରି କି ମୟୁରଭଞ୍ଜ ଜିଲ୍ଲା ରେ ବସବାସ କରୁଥିବା ଯୋଗ୍ୟ ଦିବ୍ୟଙ୍ଗ ହିତାଧିକାରୀ ଙ୍କୁ ସ୍ଥାୟୀ ବାସଗୃହ, ଦିବ୍ୟଙ୍ଗ ମାନଙ୍କୁ ଚିହ୍ନଟ କରି ଅନ୍ତୋଦୟ ଯୋଜନା ରେ ସାମିଲ, ଭୂମିହୀନ ଦିବ୍ୟଙ୍ଗ ଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେବା ପାଇଁ ଅନେକ ସମୟରେ ଦାବୀ ହୋଇ ଆସୁଚି! ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଦିବ୍ୟଙ୍ଗ ମଞ୍ଚର ଶତାଧିକ ମହିଳା ଓ ପୁରୁଷ ଆଜି ଏକ ରାଲି ଉଦଳା ବଜାର ରେ କରିବା ସହ ଉପଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଦାବୀ ପ୍ରଦାନ କରିଥିଲେ। ତେବେ ଏହି ଦାବୀ କୁ ସହମତି ଜଣାଇବା ସହ ଉଦଳା ର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ରାଲି ରେ ଯୋଗଦେଇ ସରକାର ଦିବ୍ୟଙ୍ଗ ମାନଙ୍କର ଦାବୀ କୁ ଖୁବ୍ ଶୀଘ୍ର ପୂରଣ ନକଲେ ଆଗାମୀ ଦିନ ରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି।

ଆବାସିକ ବିଦ୍ୟାଳୟର ପରିଚାଳକ ଓ ମେଟ୍ରୋନ ମାନଙ୍କୁ ନେଇ ଶିଶୁ ସୁରକ୍ଷା ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ

ଜିଲ୍ଲା ପ୍ରଶାସନ ଗଜପତି ଦ୍ୱାରା ତା ୫/୨/୨୦୨୫ ରିଖରେ ଜିଲ୍ଲାପାଳ, ଗଜପତି ଙ୍କ ସମ୍ମିଳନୀ କକ୍ଷ -୪ ଠାରେ ଜିଲ୍ଲାର ୪ ଗୋଟି ବ୍ଲକ ଯଥା ଗୁମ୍ମା ରାୟଗଡ଼ ଓ ଗୋଷାଣି, କାଶିନଗର ର ସରକାରୀ ଆଦିବାସୀ ଛତ୍ରାବାସ ଓ ଛାତ୍ରୀନିବାସ ଦାୟିବରେ ଥିବା ପରିଚାଳକ ଓ ମେଟ୍ରୋନ ମାନଙ୍କ ନିମନ୍ତେ ଶିଶୁସୁରକ୍ଷ୍ୟ ଉପରେ ଏକ ଦିବାସୀୟତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ଆଦିବାସି ଛାତ୍ର ନିବାସ ଓ ଛାତ୍ରୀନିବାସ ଦାୟିତ୍ୱରେ ଥିବା ୮୦ ରୁ ଉର୍ଦ୍ଧ ଆବାଶିକ ପରିଚାଳକ ଓ ମେଟ୍ରୋନ ଅଂଶଗ୍ରହଣ କରିଥିଲେ ୟ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ଅତିଥୀ ମାନଙ୍କୁ ସ୍ୱାଗତ ପ୍ରଦାନ କରିବା ସହ ପରିଚୟ ପ୍ରଦାନ କରିଥିଲେ । ପରେ ପରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର କୁମାର ମିଞ୍ଜ ଅନ୍ୟାନ ଅତିଥି ଭାବରେ ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଶ୍ରୀ ଅଶ୍ନିନୀ କୁମାର ମହାପାତ୍ର । ସୁରକ୍ଷା ଅଧିକାରିଣୀ ସାରଳା ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସଲମନ ରାଇକା ଏବଂ ସାଧନ ବ୍ୟକ୍ତି ଶ୍ରୀ ଅମୀୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର କୁମାର ମିଞ୍ଜ ପରାମର୍ଶ ଦେଇଥିଲେ କି ଶିଶୁମାନେ କିପରି କୌଣସି ପ୍ରକାର ନିଯାତନର ଶିକାର ନ ହୁଅନ୍ତି କିମ୍ବା ଶୋଷଣ ନ ହୁଅନ୍ତି ସେଥି ପ୍ରତି ଯତ୍ନବାନ ହେବ। ସହ ଯଦି କୌଣସି କର୍ମଚାରୀ କିମ୍ବା ବାହାର ବ୍ୟକ୍ତି ଙ୍କ ଦ୍ୱାରା ଶିଶୁ ଯୌନ ନିଯାତନୟ ର ଶିକୟର ହୁଅନ୍ତି ଆସାମୀ ବିରୁଦ୍ଧରେ ତୂରନ୍ତ ଆଇନ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି ମତପୋଷଣ କରିଥିଲେ। ସେହିପରି ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଜଣାଇଥିଲେ ଆଇନ ଠାରୁ କେହି ଉର୍ଦ୍ଧରେ ନୁହନ୍ତି ଶିଶୁଙ୍କୁ କୌଣସି କ୍ଷତି ପହଞ୍ଚାଇବ। ଅର୍ଥ ଏହାକୁ ନିଯାତନ ବୋଲି ଧରାଯିବ ଦୋଷିକୁ ଦଣ୍ଡ ମିଳିବ । ସୁରକ୍ଷା ଅଧିକାରୀ ବୁଝାଇଥିଲେ କି କୌଣସି ଶିଶୁ ଶୋଷଣର ଶିକାର ହେଲେ ତୂରନ୍ତ ଚାଇଲ୍ଡ ହେଲ୍ପ ଡ଼େସ୍କ କୁ ଜଣାଇବା ଦରକାର । ସେହିପରି ମଙ୍ଗଳ ଅଧିକାରୀ କହିଥିଲେକି ଶିଶୁ ସୁରକ୍ଷୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ ଏଥିପ୍ରତି ସମସ୍ତେ ସତର୍କ ରହିବା ସହ ଶିଶୁ ମାନଙ୍କୁ ଉପଯୁକ୍ତ ସୁରକ୍ଷ୍ୟ। ଦେବା ଦରକାର। ଆଜିର ସାଧନ ବ୍ୟକ୍ତି ଅମିୟ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଯୌନ ନିଯାତନୟରୁ ଶିଶୁଙ୍କୁ ରକ୍ଷା ଓ ନିରାପତ୍ତା ର ବିଭିନ୍ନ ଦିଗ ଉପରେ ବିଷଦ ଭାବରେ ବୁଝାଇଥିଲେ ଏବଂ ଆବୟସିକ ବିଦ୍ୟାଳୟରେ ରହୁଥିବା ଅନ୍ତେବାସୀ ଙ୍କୁ ଉପଯୁକ୍ତ ସୁରକ୍ଷା ସହକାରେ ଦାୟିବ ନେବା ସହ ଯଦି ଶିଶୁ କୌଣସି ପ୍ରକାର ନିଯାତନର ଶିକାର ହୋଇଛି ତେବେ ତୁରନ୍ତ ରିପୋର୍ଟିଂ କରିବା ଆବଶ୍ୟକ ବୋଲି ଆଲୋଚନା କରିଥିଲେ । ସେହିପରି ଆଜି ତା ୬.୧.୨୦୨୫ ରିଖରେ ଗଜପତି ଜିଲାର ବଳକା ୩ ଟି ବ୍ଲକ ଯଥା ମୋହନା , ନୂଆଗଡ, ଓ ରା.ଉଦୟଗିରି ବ୍ଲକ ର ସରକାରୀ ଆଦିବାସୀ ଛତ୍ରାବାସ ଓ ଛାତ୍ରୀନିବାସ ଦାୟିବରେ ଥିବା ପରିଚାଳକ ଓ ମେଟ୍ରୋନ ମାନଙ୍କ ନିମନ୍ତେ ଶିଶୁସୁରକ୍ଷା ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ରା.ଉଦୟଗିରି ବ୍ଲକ ସମ୍ମିଳନୀ କକ୍ଷ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଧନ ବ୍ୟକ୍ତି ଅମିୟ କୁମାର ତ୍ରିପାଠୀ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ଯୌନ ନିଯାତନୟରୁ ଶିଶୁଙ୍କୁ ରକ୍ଷା ଓ ନିରାପତ୍ତା ର ବିଭିନ୍ନ ଦିଗ ଉପରେ ବିଷଦ ଭାବରେ ଉପସ୍ଥିତ ଅଂଶଗ୍ରହଣ କାରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ରା.ଉଦୟଗିରି ବ୍ଲକ୍ ର ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଲାରିମେନ୍ ଖର୍ସେଲ୍, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ସଲମନ୍ ରାଇକା ଏବଂ ଜିଲ୍ଲା ଶିସୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ମୃଦୁ ପାନୀୟ ଯୁଗରେ ତଥାପି ରହିଛି ଆଖୁ ରସର ଚାହିଦା

ଗଜପତି(ମହାଭାରତ)ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ବର୍ତ୍ତମାନ୍ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଲୋକେ ତୃଷା ନିବାରଣ ସକାଶେ ଲେମ୍ବୁ ପାଣି,କୋଲଡ଼ ଡ୍ରିଙ୍କ, ମିଶ୍ରି ପାଣି,ପଇଡ଼ ଚହ୍ନା ପିଇ ନିଜର ତୃଷା ନିବାରଣ କରୁ ଥିବା ବେଳେ ବର୍ତ୍ତମାନ ତୃଷାତୁର ବ୍ୟକ୍ତି ମାନେ ଆଖୁରସ ପ୍ରତି ଆକୃଷ୍ଟ ହେଉ ଥିବାର ଦେଖିବାକୁ ମିଳିଛି। କିନ୍ତୁ ବର୍ତ୍ତମାନ୍ ଋତୁ ଚକ୍ରର ପରିବର୍ତ୍ତନ ପରେ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଛି।ଲୋକଙ୍କ ତୃଷା ନିବାରଣ ସକାଶେ ଆଖୁ ରସର ଚାହିଦା ରହିଛି।ଉଭୟ ଆନ୍ଧ୍ର ଓ ଓଡ଼ିଶାର କିଛି ସ୍ଥାନରୁ ବ୍ୟବସାୟୀ ମାନେ ଆଖୁ ଆଣି ଆଖୁ ରସକୁ ଗ୍ଲାସ ପିଛା କୋଡ଼ିଏ ଟଙ୍କାରେ ବିକ୍ରି କରୁଛନ୍ତି।ଆଖୁରେ ବିଭିନ୍ନ ପ୍ରକାର ଭିଟାମିନ କ୍ୟାଲସିୟମ, ପୋଟାସିୟମ,ମ୍ୟାଗସିୟମ ଓ ଫସଫରସ ଭଳି ପୋଷକ ତ□ ଆଖୁ ରସରେ ରହିଥିବାରୁ ଆଖୁରସର ଚାହିଦା ବୃଦ୍ଧି ହେବାରେ ଲାଗିଛି।ଆଖୁରସ ପିଇଲେ ଶରୀର ସତେଜ ଓ ଥକାପଣ ଦୂର ହୋଇଥାଏ।ଆ□ ଅଜିତେ□ ଥିବାରୁ ପେଟରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ଜଣ୍ଡିସ ଓ କ୍ୟାନ୍ସର ହେବାରୁ ଦୁରେଇ ରଖିଥାଏଆଖୁରସ ହାତକୁ ମଜବୁତ କରିଥାଏ। ତେଣୁ ବର୍ତ୍ତମାନ ଆଖୁରସର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।

ପାଟଣା ବ୍ଲକ ରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ

ପାଟଣା:-(ମହାଭରତ)ସାରା ରାଜ୍ୟ ବ୍ୟାପି ରାଜ୍ୟ ସରକାର ଙ୍କ ଦ୍ୱାରା ପ୍ରତ୍ୟେଟି ବ୍ଲକ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ କାର୍ଯ୍ୟକ୍ରମ ଉଦ୍ଘାଟନ କରି ଥିବା ବେଳେ ଏହି ପେରିପେକ୍ଷି ରେ କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ର ପାଟଣା ବ୍ଲକ କାର୍ଯ୍ୟଳୟ ପରିସରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅଭାସୀ ମାଧ୍ୟମରେ ଶୁଭ ଉଦଘାଟନ ହୋଇ ଯାଇଛି। କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ପାଟଣାବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,ବିଡ଼ିଓ ମାନସ କୁମାର ଦଣ୍ଡପାଟ,ଜି.ପି.ଇ.ଓ ରଶ୍ମିରେଖା ମହାନ୍ତି,ସି.ଡି.ପି.ଓ କଳ୍ପନା ତୋରା,ଏ.ପି.ଓ ଦୀପକ କୁମାର ବେହେରା,ସି.ପି ବେଦବ୍ୟାସ ମହାନ୍ତ,ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅତିରିକ୍ତ ଅଧିକାରୀ ସୌଜିନୀ ସେଠୀ,ଶିକ୍ଷା ମଣ୍ଡଳ ଅତିରିକ୍ତ ଅଧିକାରୀ ବିଜୟ କୁମାର ଓଝା, ପ୍ରକାଶ କୁମାର ରାୟ,ଓଡିଶା ମହିଳା ମିଶନ ଶକ୍ତି ବ୍ଲକ ସଂଯୋଜକ ସମ୍ବିତା ସାହୁ ଉପସ୍ଥିତ ଥିଲେ। ପାଟଣା ବ୍ଲକ ୨୦ଟି ପଞ୍ଚାୟତ ର ସରପଞ୍ଚ,ସମିତିସଭ୍ୟ, ସଭ୍ୟା,ମିଶନ ଶକ୍ତି ମହିଳା ଓ ବିଜେପି ବରିଷ୍ଠ ନେତା ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ୨୭ତମ ବାର୍ଷିକ ଉତ୍ସବ

ଆଦ୍ୟ ତା୬-୨-୨୦୨୫ ରିଖ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରାଙ୍ଗଣରେ ୨୭ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଛାତ୍ର ଜୀବନର ନୂତନ ଦିଗନ୍ତ ଉପରେ ବୁଝାଇଥିଲେ। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଡ଼ଃ. ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି ପିଲାମାନଙ୍କୁ ଅତି ସୁନ୍ଦର ଭାବରେ ଛାତ୍ର ଓ ଗୁରୁ ଙ୍କ ମଧ୍ୟରେ ସମନ୍ୱୟ ରଖିବା ସହିତ ପାଠ ପଢ଼ି ଆତ୍ମନିର୍ଭର କୌଶଳକୁ ଆପଣାଇବା ପାଇଁ ପ୍ରବର୍ତ୍ତାଇଥିଲେ। ଏହି ପରିପ୍ରେକ୍ଷୀରେ ଉପ ଜିଲ୍ଲାପାଳ ତଥା ବିଦ୍ୟାଳୟ ର ସଭାପତି ଶ୍ରୀଯୁକ୍ତ ଅନୁପ କୁମାର ପଣ୍ଡା ମହୋଦୟ ଉପସ୍ଥିତ ରହି ବିଭିନ୍ନ ନୂତନ କୌଶଳ କୁ ଆପଣାଇ ନିଜ ମାଟିରେ ରହି ବିଭିନ୍ନ କାର୍ଯ୍ୟ କରିବାର ଉପାୟ ମାନ ଖୋଜିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ଅଧକ୍ଷା

ଶ୍ରୀମତୀ ସୁନେମି ମଣ୍ଡଳ ପିଲାମାନଙ୍କୁ ସେମାନଙ୍କ ର କର୍ତ୍ତବ୍ୟ ସମ୍ବନ୍ଧରେ ବୁଝାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀ ମନୋଜ କୁମାର ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ ଓଡ଼ିଆ ଅଧାପିକା ଡ଼ଃ. ନଳିନୀ କୁମାରୀ ସାବତ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ସାଂସ୍କୃତିକ ସଂସଦର ସଂପାଦକ ଶ୍ରୀ ରବେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

ଦୀର୍ଘ ୨୪ ଘଣ୍ଟା ବୁଝା ସୁଝା ପରେ ବୁଡିଅଞ୍ଚଳ ବାସୀ ଜଳପ୍ରକଳ୍ପ କାର୍ଯ୍ୟାଳୟର ତାଲା ଖୋଲିଲେ

ଆର -ଉଦୟଗିରି (ମହାଭାରତ): ଗଜପତି ଜିଲ୍ଲା ଛେଳିଗଡ ଜଳପ୍ରକଳ୍ପ ସ୍ଥିତ ସ୍ୱତନ୍ତ୍ର ଭୂଅର୍ଜନ ତଥା ଥଇଥାନ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଛେଳିଗଡ ବୁଡି ଅଞ୍ଚଳର ସମସ୍ତ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଗତକାଲି ମହେନ

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ବିକଶିତ ଗାଁ - ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ

ବାଣପୁର: (ମହାଭାରତ) ବୀର ପାଇକ ମାଟି ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ସୁଦୃଢ ଏବଂ ସାମଗ୍ରିକ ବିକାଶଧାରାକୁ ଆଗକୁ ନେବା ସହ ସହରରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧା ସୁଯୋଗ ଯୋଗେଇଦେବା ପାଇଁ ବିକଶିତ ଗାଁ - ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଛନ୍ତି।ଏହି ପରିପ୍ରେକ୍ଷୀରେ ବାଣପୁର ପଲଟନ ପଡିଆ କୃତିବାସ ଭବନ ଠାରେ ବ୍ଲକ ପ୍ରଶାସନ ଦ୍ୱାରା ସାଧାରଣ ନାଗରିକ ଉକ୍ତ ଶୁଭାରମ୍ଭ ଉତ୍ସବକୁ ଏଲଇଡି ମାଧ୍ୟମରେ ଯୋଡି ହୋଇ ହଜାର ହଜାର ମହିଳା ଓ ପୁରୁଷ ଯୋଜନାର ରୂପରେଖ ଏବଂ କାର୍ଯ୍ୟଶୈଳୀ କଣ ହେବ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ଶୁଣିଥିଲେ।ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଗାଁର ବିକାଶରୁ ହିଁ ରାଜ୍ୟର ସାମଗ୍ରିକ ବିକାଶ ହେବ ବୋଲି ବକ୍ତବ୍ୟ ରଖିଥିଲେ।୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବୟ ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବ। ଏହାକୁ ଦୃଷ୍ଟିରେ ରଖି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ରାଜ୍ୟସରକାର ପରିକଳ୍ପନା କରିଛନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କ , ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସର ମନ୍ତ୍ର ଏକ ଶ୍ରେଷ୍ଠ ନିଦର୍ଶନୟ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଆଗାମୀ ୫ ବର୍ଷରେ, ୫ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି।ଗାଁର ବିକାଶ ଧାରାକୁ ଆଗେଇ ନେବା ପାଇଁ ଗ୍ରାମା□ଳର ମୌଳିକ ଭିତ୍ତିଭୂମି ସୁଦୃଢ ସହ ଯୋଗାଯୋଗ ବ୍ୟବସ୍ଥାରେ ସୁଦୃଢୀକାରଣ, ପର୍ଯ୍ୟଟନ ସ୍ଥଳ ବିକାଶ, ଶିକ୍ଷା ଏବଂ କ୍ରିଡା ଭିତ୍ତିଭୂମିରେ ବିକାଶ ସହ ସାଂସ୍କୃତିକ କେନ୍ଦ୍ର, କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର ଇତ୍ୟାଦି ନିର୍ମାଣ କରାଯିବ। କେନ୍ଦ୍ର ସରକାରଙ୍କ ଡିଜିଟାଲ ମିଶନକୁ ପାଥେୟ କରି ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଗ୍ରାମ□ଳର ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପଞ୍ଚାୟତରାଜ ଏବଂ ପାନୀୟ ଜଳ ବିଭାଗ କାର୍ଯ୍ୟକୁ ସହଜ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ବେଳେ ଏହା ଦ୍ୱାରା ବାଣପୁର ବ୍ଲକର ସାମଗ୍ରୀକ ବିକାଶ ହେବ ବୋଲି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ବିଡ଼ିଓ ଶୀତଳ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଅଧିକ୍ଷଣ ଯନ୍ତ୍ରୀ ଆଦ୍ୟାଶା ଦାସ, ବିପିଏମ ଶିବପ୍ରସାଦ ଜାଲି ସମସ୍ତ ଯନ୍ତ୍ରୀ, ଡିଇଓ ଏବଂ ବ୍ଲକପ୍ରଶାସନର ତ□ବଧାନରେ ସମ୍ପାଦନ କରାଯାଇଥିଲା। ଶ୍ରୀଯୁକ୍ତ ରଣସିଂହ ଏହି ଯୋଜନା ଦ୍ୱାରା ବାଣପୁର ବ୍ଲକକୁ ଏକ ସଫଳ ଏବଂ ଲୋକାଭିମୁଖୀ କରି ଗ୍ରାମାଞ୍ଚଳ ବିକାଶରେ ଅଗ୍ରଗତି କରିବା ପାଇଁ ଆମେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମନ୍ତବ୍ୟ ଦେଇଥିଲେ।

ଅର୍ଚ୍ଚିତାଙ୍କ ଆଖିରେ ଦୁନିଆ ଦେଖିବେ ଦୁଇ ଦୃଷ୍ଟିହୀନ

ଦାନଗଦି: (ମହାଭାରତ)ଗତ ୩୧/୦୧/୨୫ ପୂର୍ବାହ୍ନ ବିଦ୍ୟାଳୟ କୁ ସାଇକେଲ ରେ ବାହରିଯାଉଥିଲେ ଦୁଇ ସାଙ୍ଗ ଅର୍ଚ୍ଚିତା ବେହେରା ବୟସ (୧୪) ଶ୍ରୀୟା ପ୍ରିୟଦର୍ଶିନୀ ବାରିକ ଉଭୟ ଦାନଗଦି ଅଞ୍ଚଳର ହୋଇଥିବାବେଳେ ନବମ ଶ୍ରେଣୀ ରେ ଉଭୟ ପାଠ ପଢୁଥିଲେ,ବିଦ୍ୟାଳୟ କୁ ଯିବା ସମୟରେ ଏକ ହାଇୱା ସହ ଦୁର୍ଘଟଣା ଘଟିଥିଲା ହାଇୱା ଧକାରେ ଦୁଇ ସାଙ୍ଗ ଅର୍ଚ୍ଚିତା ,ଶ୍ରୀୟା ପ୍ରିୟଦର୍ଶିନୀ ହାଇୱା ର ଚକା ତଳେ ଆସିଯାଇଥିଲେ ।ସ୍ଥାନୀୟ ଲୋକେ ଦୁର୍ଘଟଣା ପରେ ଦୁଇ ଛାତ୍ରୀ ଙ୍କୁ ଆମ୍ବୁଲାନ୍ସ ସହାୟତାରେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅର୍ଚ୍ଚିତା ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାବେଳେ କଟକ ନିଆଯାଇଥିଲା ସେଠାରେ ଡାକ୍ତର ଅର୍ଚ୍ଚିତାଙ୍କୁ ମୃତ ଘୋଷଣା କରିଥିଲେ। ଏ ଖବର ପ୍ରସାରଣ ହେବାପରେ ଦାନଗଦି ଅଞ୍ଚଳ ସ୍ତବ ହୋଇପଡ଼ିଥିଲା, ସଭିଙ୍କୁ ଆଘାତ ମଧ୍ୟ ହୋଇଥିଲା, ଅର୍ଚ୍ଚିତାଙ୍କ ପରିବାର ବର୍ଗ ଦୁଃଖରେ ଭାଙ୍ଗିପଡିଥିଲେ , ଶ୍ରୀୟଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବାବେଳେ ଅର୍ଚ୍ଚିତା ଏ ଦୁନିଆ ଦେଖିବା ପୂର୍ବରୁ ଆଖିବୁଜିଦେଇଛନ୍ତି ସତ କିନ୍ତୁ ନେତ୍ର ଦାନ କରି ଦୁଇ ଦୃଷ୍ଟିହୀନ ଙ୍କ ଆଖିରେ ଦୁନିଆଁ ଦେଖିବେ, ସାରାଜୀବନ ସଭିଙ୍କ ମନରେ ଜାଗା କିଣି ରହିଗଲେ ଅର୍ଚ୍ଚିତା, ଅର୍ଚ୍ଚିତାଙ୍କ ବାପା କିଛିଦିନ ପୂର୍ବେ ମୃତ୍ୟୁ ବରଣ କରିଥିବାବେଳେ ସଂପୂର୍ଣ୍ଣ ପରିବାର ର ଦାୟିତ୍ୱ ଯେମିତି ଅର୍ଚ୍ଚିତାଙ୍କ ଉପରେ ରହିଥିବାବେଳେ ଖୁବ୍ କମ୍ ବୟସରେ ଆରପାରିକୁ ଚାଲିଯାଇଛନ୍ତି ଅର୍ଚ୍ଚିତା।

ଜିଲ୍ଲା ଆପାତ କାଳୀନ ବୈଠକ

ସମ୍ବଲପୁର;(ମହାଭାରତ): ଆଜି ସମ୍ବଲପୁର ଜିଲ୍ଲାର ଆପାତ କାଳୀନ ବୈଠକ ଜିଲ୍ଲାପାଳ, ଶ୍ରୀ ସିଦ୍ଧେଶ୍ୱର ବ ଳ ି ର । ମ ବୋନ୍ଦର,ଆଇ.ଏ.ଏସ. ଙ୍କ ଅଧକ୍ଷତା ରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଫ୍ୟାକ୍ଟରୀ ଏବଂ ବଏଲର ଆସିଷ୍ଟା□ ଡିରେକ୍ଟର(ସହକାରୀ ନିର୍ଦ୍ଦେଶକ) ଶ୍ରୀ ଉମାକାନ୍ତ ସାମନ୍ତରାୟ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି, ଉଡଏ ର ଉଦ୍ଦେଶ୍ୟ ବ୍ୟାଖ୍ୟା କଲେ। ଏହା ପରେ ସେ ଅନ୍ୟାନ୍ୟ ଶିଳ୍ପକ୍ଷେତ୍ରର ଅନ୍ତର୍ଗତ ଏବଂ ର ଏମର୍ଜେନ୍ସି ପ୍ଲାନ ର ଗୁରୁତ୍ୱ, ମକ ଡ୍ରିଲ୍ ସମ୍ପର୍କରେ ବର୍ତ୍ତମାନ ଅବସ୍ଥା, ଜିଲ୍ଲାର ଉଦ୍ୟୋଗଗୁଡ଼ିକର ଚିହ୍ନଟ ଏବଂ ତାର ସୁରକ୍ଷା ବ୍ୟବସ୍ଥା ର ପରିଚାଳନା ଆଦି ବିଷୟ ଉପରେ ପ୍ରକାଶ କରିଥିଲେ।ଏହା ପରେ ଉପନିର୍ଦ୍ଦେଶକ ଫ୍ୟାକ୍ଟରୀ ଏବଂ ବଏଲର ଶ୍ରୀ ସୌରଭ ଜେନା ଉଦ୍ୟୋଗଗୁଡ଼ିକରେ ବ୍ୟବହୃତ ଜଟିଳ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥଗୁଡ଼ିକ ବିଷୟରେ ଅଲୋଚନା କଲେ। ସେ ଏହି ରାସାୟନିକଗୁଡ଼ିକ ସଡ଼କ ମାର୍ଗରେ ଟ୍ୟାଙ୍କର୍ ଏବଂ ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଦ୍ୱାରା ପରିବହନ ସମୟରେ କିପରି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ରଖିବା ଉଚିତ, ସେଥିରେ ଆଲୋକ ଫେଲିଲେ। ସେ ଅନସାଇଟ ଏବଂ ଅଫସାଇଟ ପ୍ରୟୋଜନୀୟ ପ୍ରକଳ୍ପଗୁଡ଼ିକୁ ଜିଲ୍ଲା ପ୍ରଶାସନ ସହଯୋଗରେ କରିବାର ଆବଶ୍ୟକତା, ଜରୁରୀକାଳିନ ସମୟରେ ଦ୍ରୁତ ପ୍ରତିକ୍ରିୟା ଏବଂ ଅନ୍ୟ ଉଦ୍ୟୋଗରୁ ସାଧନ ସଂଗ୍ରହ କରିବାରେ ସହାୟକ ହେବ ଉଲ୍ଲେଖ କଲେୟ ।ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, (ଆଇ.ଏ.ଏସ) ତାଙ୍କ ଉଦବୋଧନ ରେ ଭୋପାଳ ଗ୍ୟାସ ଦୁର୍ଘଟଣା ର ଉଦାହରଣ ଦେଇ, ଏହି ପ୍ରକାର ଦୁର୍ଘଟଣା ଯେମିତି ପୁନରାବୃତ୍ତି ନହୁଏ ସେ ବିଷୟରେ ଧ୍ୟାନ ଦବାକୁ କହିଥିଲେ। ସେ ଅନ୍ୟାନ୍ୟ ମୁଖ୍ୟ ବିଷୟଗୁଡ଼ିକ ଉପରେ ମଧ୍ୟ ଗୁରୁ ଦେବାକୁ କହିଥିଲେ ଯଥା- ଛୋଟ ଛୋଟ ଗ୍ୟାସ ଲିକ୍ ଉପରେ ଗୁରୁତ୍ୱ ଦବା, ନିୟମିତ ମକ ଡ୍ରିଲ୍ କରିବା, ବ୍ୟବହୃତ ଉପକରଣଗୁଡ଼ିକର ଉତ୍ତତିକରଣ ଏବଂ ଏହାର ଅବସ୍ଥା ଅପଡେଟ୍ ରଖିବା, ଶିଳ୍ପଗୁଡ଼ିକର ମଧ୍ୟରେ ସମନ୍ୱୟ ଏବଂ ସହଯୋଗ ବୃଦ୍ଧି କରିବା, ବିପଦଜନକ ରାସାୟନିକ ପଦାର୍ଥଗୁଡ଼ିକର ପରିବହନ ସମୟରେ ସୁରକ୍ଷା ନିଶ୍ଚିତ କରିବା, ଉଡଏ ର ଗୁରୁତ୍ୱ ଏବଂ ଦାୟିତ୍ୱର ସମ୍ପୂର୍ଣ୍ଣ ନିଷ୍ଠା ସହିତ ପାଳନ କରିବା। ଉକ୍ତ ବୈଠକ ରେ ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ସମ୍ବଲପୁର ଡିଭିଜନର କାରଖାନା ଓ ବଏଲର ଉପନିର୍ଦ୍ଦେଶକ ଶ୍ରୀ ସୌରଭ ଜେନା,ସମ୍ବଲପୁର ଜୋନ୍ -୧ ର କାରଖାନା ଓ ବଏଲରର ସହକାରୀ ନିର୍ଦ୍ଦେଶକ,ଜିଲ୍ଲା କ୍ରାଇସିସ୍ ଗ୍ରୁପ୍ (ଡିସିଜି)ର ବରିଷ୍ଠ ଅଧିକାରୀ, ସମ୍ବଲପୁର ଜିଲ୍ଲାର ସମସ୍ତ ଶିଳ୍ପର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକ ଙ୍କ ତୀର୍ଥଯାତ୍ରା

ଦେବଗଡ଼(ମହାଭାରତ) ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେଆଜି ଦେବଗଡ଼ ଜିଲ୍ଲାର ତିନି ବ୍ଲକ ଓ ଗୋଟିଏ ପୌରା□ଳର ୧୪ ମହିଳା ଓ ୧୩ ଜଣ ପୁରୁଷ ସମୁଦାୟ ୨୭ ଜଣ ବରିଷ୍ଠ ନାଗରିକ କଲିକତା କାମାକ୍ଷା ଯାତ୍ରା କରିଛନ୍ତି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ନିକଟରେ ଗୋଟିଏ ବସ ରେ ଯାତ୍ରା କରିଛନ୍ତି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଜିତ କୁମାର ଭୋଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବରିଷ୍ଠ ନାଗରିକ ସହିତ ଅତିରିକ୍ତ ତହସିଲଦାର ବାରକୋଟ ବବୁରୁ ବାହାନ ଦ□ ଗ୍ରସ୍ତରେ ସାମିଲ ହୋଇଥିଲେ । ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ାକ୍ତରମାନେ ବରିଷ୍ଠ ନାଗରିକ ମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରେବକା ବିଲୁଙ୍ଗ

ସହକାରୀ ଜିଲ୍ଲାପାଳ ହେମନ୍ତ କୁମାର ସିଂ, ତାପସ କୁମାର ମହାନ୍ତ, ଈଶ୍ୱର ଗୁରୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା କାଲି ବରିଷ୍ଠ ନାଗରିକ ମାନେ ଟ୍ରେନ ଯୋଗେ ସମ୍ବଲପୁରରୁ କଲିକତା ଓ କାମାକ୍ଷା ଗ୍ରସ୍ତ କରିବେ ।

ଶ୍ରୀ ରାଧା ଗୋବିନ୍ଦ ଦେବଙ୍କ ୪ର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

କଣ୍ଟାପଡା,(ମହାଭାରତ) : କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକ୍ କୁରାଙ୍ଗ ପ୍ରଧାନ ଗ୍ରାମ ପଞ୍ଚାୟତ ଅଧିନରେ ଥିବା କୁରୁଞ୍ଜି ଗ୍ରାମର ପାକେଲାପାନିଆ ସ୍ଥିତ ଶ୍ରୀ ରାଧା ଗୋବିନ୍ଦ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଗତ ବୁଧବାର ଦିନ ୪ର୍ଥ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଉତ୍ସବ ସମ୍ପର୍ଣ୍ଣ ହୋଇଯାଇଛି। ଶ୍ରୀ ରାଧା ଗୋବିନ୍ଦ ଦେବଙ୍କ ତିନି ଦିନ ବ୍ୟାପୀ ଏହି ମହାଯଜ୍ଞ ଉତ୍ସବ ଗ୍ରାମରେ ୪ ବର୍ଷ ଧରି ମହା ସମାରୋହରେ ପାଳନ ହୋଇଆସୁଛି। ୪ ଦିନ ବ୍ୟାପୀ ଏହି ମହାଯଜ୍ଞରେ ସମଗ୍ର ଗାଁ ଉତ୍ସବ ମୁଖର ହୋଇଉଠିଛି। ଏହି ଯଜ୍ଞ ଧ୍ୱନିରେ ପୁରପଲ୍ଲୀରେ ଧର୍ମୀୟ ଭାବନା ସୃଷ୍ଟି କରି ପାରିଛି। ଏଥି ସକାଶେ ଗତ ଫେବୃଆରୀ ୨ ତାରିଖ ଦିନ ଅଙ୍କୁର ରୋପଣ ମଣ୍ଡଳ ସଜ୍ଜା କାର୍ଯ୍ୟ ଆରମ୍ଭ ହୋଇ ୩ ତାରିଖ ଦିନ କଳସ ଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ୪ ଦିନ ବ୍ୟାପୀ ଚାଲିଥିବା ମହାଯଜ୍ଞ ଗତ ୫.୨.୨୦୨୫ ରେ ପୂର୍ଣ୍ଣାହୂତୀ ସମ୍ପର୍ଣ୍ଣ ହୋଇଥିଲା। ଏହି ୪ ଦିନ ବ୍ୟାପୀ ବିଶ୍ୱା ଶାନ୍ତି ମହାଯଜ୍ଞ ସଂକୀର୍ତ୍ତନ ଓ ପାଲା ବିଭିନ୍ନ ଜାଗାରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଓ ପାଲା ଗାୟକ ପରିବେଷଣ କରିଥିଲେ। ପୂର୍ଣ୍ଣାହୂତୀ ସମୟରେ ଗାଁ ଦାଣ୍ଡରେ ଲୋକାରଣ୍ୟ ହୋଇ ଉଠିଥିଲା। ପୂର୍ଣ୍ଣାହୂତୀ ଦିନ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ଏବଂ ବହୁଭକ୍ତ ପ୍ରସାଦ ସେବନ କରି ଏହି ମହାଯଜ୍ଞରେ ସାମିଲ ହୋଇ ପ୍ରଭୁ ରାଧା ଗୋବିନ୍ଦଙ୍କ ଆଶୀର୍ବାଦ ନେଇଥିଲେ।

ବିକଶିତ ଓଡିଶା -ବଦଳିବ ଗ୍ରାମାଞ୍ଚଳ ରୂପରେଖ

ଅଷ୍ଟରଙ୍ଗ(ମହାଭାରତ) -ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ମୁଖ୍ୟମନ୍ତ୍ରୀଙ୍କ ଅବିଭାଷଣ ଶୁଣିବାକୁ ଅଷ୍ଟରଙ୍ଗରେ ହଜାରହଜାର ଲୋକ ଯୋଗଦେଇଥିଲେ । ରାଜ୍ୟସ୍ତରୀୟ ଉଦ୍ଘାଟନ କାର୍ଯ୍ୟକ୍ରମକୁ ଦେଖିବାକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ୍ ପରିସରରେ ଏଲଇଡ଼ି ଲାଗିଥିଲା । ଖୋର୍ଦ୍ଧା ଜିଲ୍ଲାର ଜଙ୍କିଆ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିବାର ଦୃଶ୍ୟ ଉପସ୍ଥିତ ଜନସାଧାରଣ ଆଭାସୀ ମାଧ୍ୟମରେ ଦେଖିଥିଲେ । ବିକଶିତ ଓଡିଶା ର ଉଦ୍ଦେଶ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସହିତ ବିବିଧ ଜନକଲ୍ୟାଣ କାର୍ଯ୍ୟ ରେ ଗ୍ରାମା□ଳ ର ଉତ୍ତତି କରିବା, ଭିତ୍ତ ଭିତ୍ତ ପର୍ଯ୍ୟାୟ ରେ ଗ୍ରାମ ପରିବେଶ ରେ ପୋଖରୀ, ନଦୀ, କ୍ରୀଡା ଭୂମି, ମନୋରଞ୍ଜନ ପାର୍କ,ପୁରାତନ ମଠ ମନ୍ଦିର ର ବିକାଶ କରି ଏହାକୁ ଏକ ଭିତ୍ତ ରୂପରେଖ ଦେବା ସହିତ, ପ୍ରତ୍ୟେକ ଗ୍ରାମାଞ୍ଚଳ ରେ ସ୍ୱାସ୍ଥ୍ୟସେବା ରେ ଉତ୍ତତି ଆଣିବା ଆଉ ପକ୍କା ସଡ଼କ ନିର୍ମାଣ,କାର୍ଯ୍ୟକ୍ରମରେ ଅଷ୍ଟରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ,ଉପାଧକ୍ଷ ଦୁର୍ଯ୍ୟୋୟ ମିଶ୍ର,ବିଡ଼ିଓ ସସ୍ମିତା ବେହେରା,ପୂର୍ବତନ ବିଧାୟକ ବାଇଧର ମଲ୍ଲିକ୍, ଯୁବ ବିଜେପି ନେତା ଶ୍ରୀଯୁକ୍ତ ଦିବାକର ଛାଟୋଇ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଇଥିଲେ । ଯୋଜନାର ଶୁଭାରମ୍ଭ ବେଳେ ଉପସ୍ଥିତ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ଜଳନ କରିବା ସହିତ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ, ଉପସ୍ଥିତ ଥିବା ୧୫ ଗୋଟି ପଞ୍ଚାୟତ ର ଶତାଧିକ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ସଦସ୍ୟମାନେ ହୁଲହୁଳି ପକାଇବା ଦୃଶ୍ୟ ଦେଖିବାକୁ ମିଳିଥିଲା ।

ନିଖୋଜ ବୃଦ୍ଧ ଙ୍କ ମୃତ ଦେହ ପୋଖରୀରୁ ଠାବ

ଦେବଗଡ଼(ମହାଭାରତ) ସୂଚନା ଅନୁଯାୟୀ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର କଲା ଗାଁର ପାଣୁ ସାହୁଙ୍କ ପୁଅ ହୃଦାନନ୍ଦ ସାହୁ ବୟସ ୬୪,ସବୁଦିନ ପରି ସେ , ତା ୪/୨/ ମଙ୍ଗଳବାର ଦିନ ସାପ୍ତାହିକ ହାଟ ସାରି କଲା ବଡ ବନ୍ଧ (ପୋଖରୀ କୁ)ଗାଧୋଇବା ପାଇଁ ଯାଇଥିଲେ,ହେଲେ ସେ ଦିନ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିଥିଲେ କିନ୍ତୁ ସନ୍ଧାନ ପାଇନଥିଲେ।ପରେ ବାରକୋଟ ଥାନା କୁ ଜଣାଇଥିଲେ,ପୋଲିସ ତଦନ୍ତ କରି ତାଙ୍କ ତତ୍ତ୍ୱାବଧାନରେ ମଙ୍ଗଳ ବାର ସନ୍ଧ୍ୟାରୁ ,ବାରକୋଟ ଦମକଳବାହୀ ନି ,ଏବଂ ଓଡ଼ା ୪ଥ ବାଟାଲିୟନ ବଂପର୍ଡା ମିଳିତ ସହଯୋଗରେ ପାଖରାରେ ଉଦ୍ଧାର କାର୍ଯ୍ୟଜାରି ରହିଥିଲା କିନ୍ତୁ ଗତ ମଙ୍ଗଳବାର ସନ୍ଧ୍ୟା ରୁ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ କୈଣସି ସନ୍ଧାନ ନପାଇ ବିଫଳ ହୋଇ ଫେରିଯାଇଥିଲେ। ପରେ ବୁଧୁବାର ବହୁ ବିଳମ୍ବିତ ରାତିରେ ମୃତ ଶରୀରଟି ପାଣିରେ ଭାସି ଉଠିଥିଲା। ଫଳରେ ସେହି ପୋଖରୀ ରେ ରାତି ଯାକ ଜଗି ରହିଥିବା ପରିବାର ତଥା ସ୍ଥାନୀୟ ଲୋକେ ବୃଦ୍ଧାଙ୍କ ମୃତ ଶରୀରକୁ ଉଦ୍ଧାର କରି ଗୁରୁବାର ଦିନ ସକାଳେ ଥାନାକୁ ହସ୍ତାନ୍ତର କରିଥିଲେ। ବାରକୋଟ ଥାନା ସହୋଜଗେ ମୃତ ଶରୀରକୁ ପାଲଲହଡା ଡାକ୍ତରଖାନା କୁ ପଠାଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ବାରକୋଟ ଥାନା ପକ୍ଷରୁ ସୂଚନା ମିଳିଛି।

ବିକଶିତ ଗାଁ ବିକଶିତ ଓଡିଶାଭର୍ଚୁଆଲ ରେ ସାମିଲ ହେଲା ଗୋଲାମୁଣ୍ଡା ବ୍ଲକ

ଗୋଲାମୁଣ୍ଡା (ମହାଭାରତ):ବୁଧବାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଜଙ୍ଗିଆ ମିନିଷ୍ଟାଡିୟମ ଖୋର୍ଦ୍ଧା ଠାରେ ଦିନ ୧୧ ଘଟିକାରେ ଶୁଭାରମ୍ଭ କରିଛନ୍ତି।ଉକ୍ତ କାର୍ଯ୍ୟକ୍ରମକୁ ଭରଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ପାଇଁ ପାଞ୍ଚବର୍ଷ ଭିତରେ ୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିବାକୁ ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମ ଗୋଲାମୁଣ୍ଡା ବ୍ଲକ ପରିସରରେ ବହୁ ଆଡମ୍ବର ସହିତ ପାଳିତ ହୋଇଛି । କାର୍ଯ୍ୟକ୍ରମଟି ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହେଉଥିବା ବେଳେ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ କୁମାର ନାୟକ, ସମସ୍ତ ବିଭାଗୀୟ କର୍ମଚାରୀ, ବ୍ଲକ ସ୍ତରୀୟ ବିଜେପି ନେତୃ ମଣ୍ଡଳୀ, ସ୍ୱୟଂ ସହାୟକ ଗୋଷ୍ଠୀ,ସି ଆର ପି, ଏମ ବି କେ,ଉପସ୍ଥିତ ରହିଥିଲେ।

ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ର ଶୁଭାରମ୍ଭ

୧୦ରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

ନୂଆଦିଲ୍ଲୀ,୬।୨ : ବହୁ ପ୍ରତୀକ୍ଷିତ ପରୀକ୍ଷା ପେ ଚର୍ଚ୍ଚା ୨୦୨୫ (ପିପିସି ୨୦୨୫) ଫେବୃଆରୀ ୧୦, ୨୦୨୫ ରେ ପୂର୍ବାହ୍ନ ୧୧ ଟା ସମୟରେ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିବେ, ପରୀକ୍ଷା ପ୍ରସ୍ତୁତି, ଚାପ ପରିଚାଳନା ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ବିଷୟରେ ମାର୍ଗଦର୍ଶନ ଦେବେ । ଚଳିତ ବର୍ଷ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୩୬ ଜଣ ଛାତ୍ର ରାଜ୍ୟ / ୟୁଟି ବୋର୍ଡ ସରକାରୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ସିବିଏସ୍‌ଇ ଏବଂ ନବୋଦୟ ବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି । କିଛି ଛାତ୍ର ପ୍ରେରଣା ବିଦ୍ୟାଳୟ କାର୍ଯ୍ୟକ୍ରମର ଆଲୁମିନି, କଳା ଉତ୍ସବ ଏବଂ ବୀର୍ ଗାଥା ବିଜେତା ଅଟନ୍ତି । ଏହି ଛାତ୍ରମାନଙ୍କୁ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଯୋଡି ହେବାକୁ ମନୋନୀତ କରାଯାଇଛି । ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୂକ୍ତିର ପ୍ରକୃତ ପ୍ରତିଫଳନ ଭାବରେ ପରିଣତ କରାଯାଇଛି ।

ପିପିସି ୨୦୨୫ ଆଠଟି ଏପିସୋଡ୍ ଆଧାରିତ ଏକ ରୋମାଞ୍ଚକର ନୂତନ ଫର୍ମାଟରେ ଖୋଲି । ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟମ୍, ସ୍ୱୟମ୍ ପ୍ରଭା, ପିଏମଓ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ମନ୍ତ୍ରଣାଳୟ ଏବଂ ଆଇଆଣ୍ଡବି ମନ୍ତ୍ରଣାଳୟର ସୋସିଆଲ୍ ମିଡିଆ ଚ୍ୟାନେଲରେ ପ୍ରସାରିତ ହେବ ଯାହା ନିଶ୍ଚିତ କରିବ ଯେ ସମଗ୍ର ଦେଶରେ ଦର୍ଶକମାନେ ଏହି ସମୃଦ୍ଧ ଅଭିଜ୍ଞତାରେ ଅଂଶଗ୍ରହଣ କରିପାରିବେ ।

ପପସ ଜନ ଆନ୍ଦୋଳନ ହେବା ସହିତ ଆମ ପିଲାମାନଙ୍କର ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସମ୍ପ୍ରଦାୟର ଯୋଗଦାନ ମାଧ୍ୟମରେ ସମାଧାନ କରାଯାଉଛି । ସେହି ଅନୁଯାୟୀ, ପିପିସିର ୭ଟି ସଂସ୍କରଣ ଭଳି ଅଷ୍ଟମ ସଂସ୍କରଣ, ଯଥା, ପିପିସି ୨୦୨୫ ବିଭିନ୍ନ କ୍ଷେତ୍ରର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କୁ ସାମିଲ କରିବ, ଯେଉଁମାନେ ସେମାନଙ୍କର ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିବେ, ଛାତ୍ରମାନଙ୍କୁ ଜୀବନ ଏବଂ ଶିକ୍ଷାର ପ୍ରମୁଖ ଦିଗ ଉପରେ ମାର୍ଗଦର୍ଶନ କରିବେ । ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଛାତ୍ରମାନେ ମଧ୍ୟ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜାତୀୟ ସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତାରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଛନ୍ତି । ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଏପିସୋଡ୍ ଗୁଡିକ ଧ୍ୟାନ ଦେଇଛି । କ୍ରୀଡା ଏବଂ ଅନୁଶାସନ: ଗ ଉ ମାରି କମ୍, ଅଭନି ଲେଖରା, ଏବଂ ସୁହାସ ୟାଥିରାଜ ଅନୁଶାସନ ମାଧ୍ୟମରେ ଲକ୍ଷ୍ୟ ସ୍ଥିର, ସ୍ଥିରତା ଏବଂ ଚାପ ପରିଚାଳନା ବିଷୟରେ ଆଲୋଚନା କରିବେ ।ମାନସିକ ସ୍ୱାସ୍ଥ୍ୟ: ଦୀପିକା ପାଦୁକୋନ୍ ଭାବପ୍ରବଣ ସୁସ୍ଥତା ଏବଂ ଆତ୍ମ-ଅଭିବ୍ୟକ୍ତିର ଗୁରୁତ୍ୱ ବିଷୟରେ ଆଲୋଚନା କରିବେ । ପୁଷ୍ଟିକର ଖାଦ୍ୟ: ସୋନାଲି ସାବରୱାଲ୍ ଏବଂ ରୁଜୁଟା ଦିୱେକର୍ ସୁସ୍ଥ ଖାଦ୍ୟ ଅଭ୍ୟାସ ଏବଂ ଏକାଡେମିକ୍ ସଫଳତାରେ ଗୁଣାତ୍ମକ ନିଦ୍ରାର ଭୂମିକାକୁ ଆଲୋକପାତ କରିବେ ୟ ଖାଦ୍ୟ କୃଷକ ଭାବରେ ଜଣାଶୁଣା ରିଭାଣ୍ଡ ହିମାଟିଙ୍ଗକା ଏକ ସୁସ୍ଥ ଜୀବନଶୈଳୀକୁ ଆଗେଇ ନେବା ପାଇଁ ଅନ୍ତର୍ନିହିତ ସୂଚନା ପ୍ରଦାନ କରିବ । ଜ୍ଞାନକୌଶଳର ଏବଂ ଅର୍ଥନୀତି: ଗୌରବ ଚୌଧୁରୀ (ବୈଷୟିକ ଗୁରୁଜୀ) ଏବଂ ରାଧିକା ଗୁପ୍ତା ଶିକ୍ଷା ଏବଂ ଆର୍ଥିକ ସାକ୍ଷରତା ପାଇଁ ଏକ ଉପକରଣ ଭାବରେ ଟେକ୍ନୋଲୋଜି ଅନୁସନ୍ଧାନ କରିବେ । ସୃଜନଶୀଳତା ଏବଂ ସକରାତ୍ମକତା: ବିକ୍ରାନ୍ତ ମାସେ ଏବଂ ଭୂମି ପେଡନେକର ଛାତ୍ରଛାତ୍ରୀମାନଙ୍କୁ ଭକୁଆ ।ଲାଇକ୍ ଏବଂ ନକାରାତ୍ମକ ଚିନ୍ତାଧାରାକୁ ମୁକ୍ତ କରିବାକୁ ପ୍ରେରଣା ଯୋଗାଇବେ, ଏକ ସକରାତ୍ମକ ମାନସିକତା ସୃଷ୍ଟି କରିବେ ।

ସାମସଙ୍ଗର ଫ୍ଲାଗସିପ୍ ଷ୍ଟୋର ୭୦୦ରୁ ଅଧିକ ଗାଲାକ୍ସି ଏସ୨୫ ଶୃଙ୍ଖଳ ସ୍ମାର୍ଟଫୋନର ପ୍ରାରମ୍ଭିକ ବିତରଣ

ନୂଆଦିଲ୍ଲୀ,୬।୨ : ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି) ରେ ଅବସ୍ଥାପିତ ସାମସଙ୍ଗର ଫ୍ଲାଗସିପ ଷ୍ଟୋର ନୂଆ ଗାଲାକ୍ସି ଏସ୨୫ ଶୃଙ୍ଖଳର ସଫଳ କାହାଣୀ ପାଳନ କରୁଅଛି ଏକ ବିଶେଷ ଉତ୍ସବରେ ଯାହାକି ୭୦୦ରୁ ଅଧିକ ଗ୍ରାହକଙ୍କୁ ଏହି ଫୋନର ପ୍ରାରମ୍ଭିକ ବିତରଣ ହସ୍ତାନ୍ତର କରିଛି । ବିତରଣର ଏହି ରେକର୍ଡ଼ ସେହି ପ୍ରାରମ୍ଭିକ-ଅର୍ଡ଼ର ପାଇଁ ରହିଛି, ଯାହାକି ଏକ ଅତ୍ୟଧିକ ପ୍ରତିକ୍ଷିତ ସ୍ମାର୍ଟଫୋନ ସିରିଜ ଅଟେ ।

ସୁନ ଚେଇ, କର୍ପୋରେଟ ଇଭିପି / ଡ଼ିଭିଜନ ମୁଖ୍ୟ, ଏମଏକ୍ସ ଡ଼ିଭିଜନ, ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ନିଜେ ଏହି ଉତ୍ସବରେ ଉପସ୍ଥିତ ରହି ବ୍ୟକ୍ତିଗତ ଭାବରେ ଏହି ପ୍ରି-ଅର୍ଡ଼ରରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ଗାଲାକ୍ସି ଏସ୨୫ ଉପକରଣ ପ୍ରଦାନ କରିଥିଲେ ।

ଏହି ଆକର୍ଷଣ କାର୍ଯ୍ୟକ୍ରମ ମଧ୍ୟ ଷ୍ଟୋରର ପ୍ରଥମ ବାର୍ଷିକ ଉତ୍ସବକୁ ସୂଚିତ କରୁଥିବା ବେଳେ ଅନନ୍ୟ ସହକାରୀ ଅଭିଜ୍ଞତା ସହିତ ବାସ୍ତବ ଜୀବନର ଦୃଶ୍ୟାବଳୀ ଜରିଆରେ ବିକେସି ଷ୍ଟୋର ଗୁଡ଼ିକ ସାମସଙ୍ଗର ପ୍ରମୁଖ ଉଚ୍ଚ ପ୍ରିମିୟମ ଉତ୍ପାଦନର ପ୍ରଦର୍ଶନ କରୁଥିବା ଷ୍ଟୋର ଭାବରେ ଜଣାଶୁଣା ।

ଗ୍ରାହକମାନଙ୍କ ମନ ଭିତରେ ଚାଲୁଥିବା ଆକାଂକ୍ଷା ତଥା ଏକ ଅତି ସରଳ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ପାଇଁ ଏହି ଷ୍ଟୋର ତଥ୍ୟ ଆଦାନ ପ୍ରଦାନକାରୀ ଜୋନ ଭାବରେ, ଉପକରଣ ଅଦଳ ବଦଳ କାଉଂଟର ଭାବରେ ସର୍ବୋପରି ସମସ୍ତଙ୍କୁ ଆନନ୍ଦ ଦେବା ଭଳି ଖାଦ୍ୟ ତଥା ମୃଦୁପାନୀୟର ଅତି ଉତ୍ସର୍ଗୀକୃତ ବ୍ୟବସ୍ଥାର ମଧ୍ୟ ଆୟୋଜନ ରଖିଛନ୍ତି । ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ପ୍ରତ୍ୟେକ ପ୍ରିୟଗ୍ରାହକଙ୍କୁ ସେମାନଙ୍କର ଏସ୨୫ ଶୃଙ୍ଖଳର ସ୍ମାର୍ଟଫୋନ ଗ୍ରହଣ କରିବା ସମୟରେ ଅନନ୍ୟ ସେବା ପ୍ରଦାନ କରିବା ।

ଓାମସଙ୍ଗ ବିକେସି ଷ୍ଟୋର ଗୁଡ଼ିକରେ ଗ୍ରାହକମାନେ ସେମାନଙ୍କର ଗାଲାକ୍ସି ଏସ୨୫ ଉପକରଣ ନେବା ସମୟରେ ଅନେକ ଗୁଡ଼ିଏ ଶୁଭେଚ୍ଛାମୂଳକ ସେବାର ମଧ୍ୟ ଆନନ୍ଦ ଉଠାଇ ପାରିବେ ଯାହା ମଧ୍ୟରେ ରହିଛି ଜେନ ଏଆଇ ସ୍ମାର୍ଟଫୋନ କେସ କଷ୍ଟମାଇଜେସନ । କୁଶଳୀ ଦକ୍ଷତା ସମ୍ପର୍ଣ୍ଣଙ୍କର ଉତ୍ସର୍ଗୀକୃତ ସେବା ତଥା ଏକ ଅନନ୍ୟ ପାଳନ କାର୍ଯ୍ୟକ୍ରମମୂଳରେ ମୁଖ୍ୟ ଲକ୍ଷ୍ୟଟି ହେଉଛି ବିଶେଷ ଭାବରେ ଗ୍ରାହକମାନଙ୍କର ସପିଙ୍ଗ ମୁହୂର୍ତ୍ତକୁ ଧରି ରଖିବା । ଗାଲାକ୍ସି ଏସ୨୫ ଶୃଙ୍ଖଳର ବିଶେଷତ୍ୱ ମଧ୍ୟରେ ଯାହା ଆସୁଛି ସେଗୁଡ଼ିକ ହେଲା – ଅଧୁନତମ ଗାଲାକ୍ସି ଏସ୨୫ ଅଲଟ୍ରା, ଗାଲାକ୍ସି ଏସ୨୫+ ତଥା ଗାଲାକ୍ସି ଏସ୨୫ ସ୍ମାର୍ଟଫୋନ ଗୁଡ଼ିକ ଯାହାକି ସାମସଙ୍ଗ ଦ୍ୱାରା ପ୍ରସ୍ତୁତ ସବୁଠାରୁ ପ୍ରଥମ ଆଧୁନିକ ଫ୍ଲାଗସିପ୍ ସ୍ମାର୍ଟ ଶୃଙ୍ଖଳ ଯାହାକି "ପ୍ରକୃତରେ ଏକ ଏଆଇ ସହଯୋଗୀ" ପ୍ରସଙ୍ଗକୁ ଚରିତାର୍ଥ କରିପାରିଛି । ଏହି ସ୍ମାର୍ଟଫୋନ ଗୁଡ଼ିକ ସାମସଙ୍ଗର ନବୀନତମ ବଂଶାନୁକ୍ରମିକ ପରମ୍ପରାକୁ ବଜାୟ ରଖି ପ୍ରସ୍ତୁତ ହେବା ସହିତ ଏହାର ଆଭିମୁଖ୍ୟ ହେଉଛି ଏଆଇ ଭଳି ଏକ ବିଶାଳ ବିସ୍ତୃତ ଗ୍ରାହକ କୈନ୍ଦ୍ରିକତାକୁ ସମଗ୍ର ଭାରତରେ ପହଂଚାଇବା । ଗାଲାକ୍ସି ଏସ୨୫ ଶୃଙ୍ଖଳ ବ୍ୟବହାରକାରୀ ମାନଙ୍କୁ ଏହାର ପ୍ରତ୍ୟେକ ସ୍ପର୍ଶ କେନ୍ଦ୍ରରେ ସେମାନଙ୍କର ଗତିପଥକୁ ବଦଳାଇ ଦେଇଛି ଏକ ନିରବଚ୍ଛିନ୍ନ ସମନ୍ୱିତ ଏଆଇ ଏଜେଂଟ ତଥା ମଲଟି ମୋଡ଼ାଲ ସକ୍ଷମତାକୁ ନେଇ । ଏଥିରେ ରହିଛି ଏଭଳି ପ୍ରକାରର ପ୍ରଥମ କଷ୍ଟମାଇଜ ସ୍ନାପଡ୍ରାଗନ୮ ଇଲାଇଟ ମୋବାଇଲ ପ୍ଲାଟଫର୍ମ ଯାହାକି ଗାଲାକ୍ସି ଚିପ୍‌ସେଟ୍ ପ୍ରଦାନ କରିବା ସହିତ ଏକ କ୍ଷମତାଶାଳୀ ପ୍ରୋସେସିଙ୍ଗ ୟୁନିଟ୍ ଯାହା ଗାଲାକ୍ସି ଏଆଇ ପାଇଁ ଶକ୍ତିଶାଳୀ ଅଟେ ।

ଏହା କେବଳ ନିର୍ବାଚନ ନୁହେଁ ଧର୍ମଯୁଦ୍ଧ

ନୂଆଦିଲ୍ଲୀ,୬।୨(ଏଜେନ୍ସି): ଭୋଟ ଦେଉଛି ରାଜଧାନୀ ଦିଲ୍ଲୀ । ୭୦ ଆସନ ବିଶିଷ୍ଟ ଦିଲ୍ଲୀରେ ବିଧାନସଭା ନିର୍ବାଚନ ଜାରି ରହିଛି । ୬୯୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ଜନତା ଜନର୍ଦ୍ଦନ । ନିର୍ବାଚନ ପର୍ବରେ ସାମିଲ ହୋଇ ଆପ୍ କୁ ଭୋଟ ଦେବାକୁ ଅପିଲ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ । ସେ କହିଛନ୍ତି ଏହା କେବଳ ଖାଲି ନିର୍ବାଚନ ନୁହେଁ ଧର୍ମଯୁଦ୍ଧ । ସତ୍ୟ ବନାମ ମିଥ୍ୟାର ଲଢେଇ । କାଲିକାଜୀରୁ ଆପ୍ ପ୍ରାର୍ଥୀ ହୋଇଛନ୍ତି ଆତିଶୀ । ଭୋଟ ଦେବ ପୂର୍ବରୁ ସେ କାଲିକାଜୀ ମନ୍ଦିରରେ ପୂଜା କରିଥିଲେ । ଦିଲ୍ଲୀବାସୀଙ୍କୁ ନିର୍ବାଚନୀ ପର୍ବରେ ସାମିଲ ହେବାକୁ ଅପିଲ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ଆତିଶୀ । ଅଧିକରୁ ଅଧିକ ମତଦାନ ସାବ୍ୟସ୍ତ କରିବାକୁ କହିବା ସହିତ ଏହା କେବଳ ନିର୍ବାଚନ ନୁହେଁ ଧର୍ମଯୁଦ୍ଧ ବୋଲି କହିଛନ୍ତି ଆତିଶୀ । ଏହା ସତ୍ୟ ବନାମ ମିଥ୍ୟାର ଲଢେଇ । ଆଶା କରୁଛି ଲୋକ ସତ୍ୟ ସହ ରହିବ ଓ ଆମ ଦଳର ବିଜୟ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଆତିଶୀ । ସେ ଆହୁରି କହିଛନ୍ତି, ଏହା ସତ୍ୟ ଓ ମିଥ୍ୟାର ଲଢେଇ । କାମ ଓ ଗୁଣ୍ଡାଗର୍ଦ୍ଦିର ଯୁଦ୍ଧ । ଯେଉଁଠାକୁ ଆମେ ଯାଉଛୁ ଦିଲ୍ଲୀ ଲୋକ କାମ ସହ ଅଛନ୍ତି । ଦିଲ୍ଲୀ ପୋଲିସ କିଛି ବି କରିପାରେ । ଖୋଲାଖୋଲି ଭାବେ ଦିଲ୍ଲୀ ପୋଲିସ ବିଜେପିକୁ ନିର୍ବାଚନ ଲଢାଇଉଛି । ଗୋଟିଏ ପଟେ ବିଜେପିର ଗୁଣ୍ଡାରାଜ ଅନ୍ୟ ପଟେ ଦିଲ୍ଲୀ ପୋଲିସର ତାକୁ ସମର୍ଥନ କରିବା । କାଲକାଜୀ ବିଧାନସଭାରେ ଅନେକ ବିଜେପି ନେତା ଟଙ୍କା ବାଣ୍ଟୁଛି ଦିଲ୍ଲୀ ପୋଲିସ ଛତ୍ରଛାୟାରେ ଏହା କରୁଛି । ପ୍ରକାଶ ଥାଉ କି, ୭୦ ବିଧାନସଭା ଆସନରେ ଗୋଟିଏ ପର୍ଯ୍ୟାୟରେ ଦିଲ୍ଲୀରେ ଭୋଟ୍ ଗ୍ରହଣ ଚାଲିଛି । ନିର୍ବାଚନୀ ମୈଦାନରେ ୬୯୯ ପ୍ରାର୍ଥୀ ରହିଛନ୍ତି । ସକାଳ ୭ଟାରୁ ଧାଡିରେ ରହି ଭୋଟ୍ ଦେଉଛନ୍ତି ଭୋଟର । ଏକ କୋଟିରୁ ଅଧିକ ଭୋଟର ସେମାନଙ୍କ ନେତା ବାଛୁଛନ୍ତି । ପୂର୍ବାହ୍ନ ୧୧ଟା ସୁଦ୍ଧା ୧୯.୯୫% ଭୋଟ୍ ଗ୍ରହଣ ହୋଇଛି । ନର୍ଥଇଷ୍ଟ ଜିଲ୍ଲାରେ ୨୪. ୮୭ ପ୍ରତିଶତ ଭୋଟ ଗ୍ରହଣ ହୋଇଛି । କଡା ସୁରକ୍ଷା ମଧ୍ୟରେ ଭୋଟ୍ ଗ୍ରହଣ ଚାଲିଛି । ଶୃଙ୍ଖଳିତ ମତଦାନ ପାଇଁ ୩୫ ହଜାରରୁ ଅଧିକ ପୋଲିସ ମୁତୟନ ହୋଇଛନ୍ତି । ଶାସକ ଆପ୍ ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ଲଢେଇ ଦେଖିବାକୁ ମିଳିବ । ଆସନ୍ତା ଫେବୃଆରୀ ୮ ତାରିଖରେ ଫଳାଫଳ ପ୍ରକାଶ ପାଇବ ।

ଗାଜାକୁ ହାତକୁ ନେବା ଲାଗି ଘୋଷଣା କଲେ ଟ୍ରମ୍ପ

ନୂଆଦିଲ୍ଲୀ,୬।୨(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା ତୁଲାଇପାରେ ବଡ଼ ଭୂମିକା । ଗାଜାଷ୍ଟ୍ରିପକୁ ଆମେରିକା ହାତକୁ ନେବ ବୋଲି ସୂଚନା ଦେଇଛନ୍ତି ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ । ଧ୍ୱସ୍ତବିଧ୍ୱସ୍ତ ଗାଜାକୁ ନିୟନ୍ତ୍ରଣ ନେବା ପରେ ଏହାର ବିକାଶ କରାଯିବ ବୋଲି କହିଛନ୍ତି ଟ୍ରମ୍ପ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ ପରେ ଏହି ସୂଚନା ଦେଇଛନ୍ତି ଟ୍ରମ୍ପ । ଟ୍ରମ୍ପଙ୍କ ଏହି ଘୋଷଣାକୁ ପ୍ରଶଂସା କରିଛନ୍ତି ନେତନ୍ୟାହୁ । ସେ କହିଛନ୍ତି- ଟ୍ରମ୍ପଙ୍କ ଏହି ଘୋଷଣା ଇତିହାସକୁ ବଦଳାଇବ । ଟ୍ରମ୍ପଙ୍କ ଏହି ଘୋଷଣା ପରେ ଗାଜାକୁ ନେଇ ଜାରି ରହିଥିବା କଳ୍ପନାଜଳ୍ପନା ନୂଆମୋଡ ନେଇଛି । ବିଭିନ୍ନ ରାଷ୍ଟ୍ରଙ୍କ ଗାଜା ନୀତି ମଧ୍ୟ ପ୍ରଭାବିତ ହୋଇଛି । ଗତ ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ହମାସର ଆକ୍ରମଣ ପରଠାରୁ ସାରା ମଧ୍ୟପ୍ରାଚ୍ୟରେ ଅଶାନ୍ତି ଜାରି ରହିଛି । ୪୭ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହେଲେଣି ।

ବିବାଦୀୟ ମନ୍ତବ୍ୟ ପାଇଁ ଜୟା ବଚ୍ଚନଙ୍କୁ ଗିରଫ ଦାବି

ନୂଆଦିଲ୍ଲୀ,୬।୨(ଏଜେନ୍ସି): ଜୟା ବଚ୍ଚନ କେବଳ ତାଙ୍କ ଅଭିନୟ ପାଇଁ ନୁହେଁ ବରଂ ଅନେକ ପ୍ରସଙ୍ଗରେ ରାଜନୈତିକ ବୟାନ ଦେବା କାରଣରୁ ଚର୍ଚ୍ଚାରେ ଥାଆନ୍ତି । ନିକଟରେ ଅଭିନେତ୍ରୀ ମହାକୁମ୍ଭରେ ଦଳାଚକଡ଼ା ପରସ୍ତୁତ ସମ୍ପର୍କରେ କିଛି ବୟାନ ଦେଇଥିଲେ ।ଏହି ବୟାନ ପାଇ କିଛି ଲୋକ ଜୟାଙ୍କୁ ଗିରଫ କରିବାକୁ ଦାବି କରୁଛନ୍ତି । ବିଶ୍ୱ ହିନ୍ଦୁ ପରିଷଦ ଦଳାଚକଡ଼ାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ମୃତଦେହ ଗଙ୍ଗାରେ ଫିଙ୍ଗି ଦିଆଯିବା ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ସମାଜବାଦୀ ପାର୍ଟି ନେତ୍ରୀ ଏବଂ ରାଜ୍ୟସଭା ସାଂସଦ ଜୟା ବଚ୍ଚନଙ୍କୁ ଗିରଫ କରିବାକୁ ଦାବି କରାଯାଇଛି । ବିଶ୍ୱ ହିନ୍ଦୁ ପରିଷଦର ମିଡିଆ ଇନଚାର୍ଜ ଶରଦ ଶର୍ମା ଜୟା ବଚ୍ଚନଙ୍କ ମନ୍ତବ୍ୟକୁ ସମାଲୋଚନା କରି ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ କହିଛନ୍ତି, 'ମିଥ୍ୟା ଏବଂ ଅସତ୍ୟ ବୟାନ ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିବା ପାଇଁ ଜୟା ବଚ୍ଚନଙ୍କୁ ଗିରଫ କରାଯିବା ଉଚିତ ।କାରଣ ଜୟା ସଂସଦ ବାହାରେ ଗଣମାଧ୍ୟମକୁ କୁମ୍ଭମେଳାରେ ସୃଷ୍ଟି ହୋଇଥିବା ଦଳାଚକଡ଼ା ପରିସ୍ଥିତିରେ ମୃତ୍ୟୁ ହୋଇଥିବା ଲୋକଙ୍କ ମୃତ ଦେହକୁ ଗଙ୍ଗାରେ ଫିଙ୍ଗି ଦିଆଯାଇଛି । ଯେଉଁ କାରଣ ଗଙ୍ଗା ପ୍ରଦୂଷିତ ହୋଇଛି ବୋଲି କହିଥିଲେ । ଏହି କ୍ରମରେ ଅଭିନେତା ଏବଂ ବିଜେପି ସାଂସଦ ଅରୁଣ ଗୋଭିଲ ମଧ୍ୟ ଜୟା ବଚ୍ଚନଙ୍କ ମନ୍ତବ୍ୟକୁ ନିନ୍ଦା କରି କହିଛନ୍ତି, 'ଆମେ ଜୟାଙ୍କ ଦାବିକୁ ଗ୍ରହଣ କରିବୁ । ସେ କିନ୍ତୁ ଯାହା ମନ୍ତବ୍ୟ ଦେଇଛନ୍ତି ତାହାର ପ୍ରମାଣ ଦିଅନ୍ତୁ । ପ୍ରମାଣ ନଦେଇ ଏଭଳି ବିବାଦୀୟ ମନ୍ତବ୍ୟ ଦେବା ଆଦେ ଗ୍ରହଣୀୟ ନୁହେଁ ।

ନକଲି ଭୋଟର ଟାର୍ଗେଟ ପୂରଣ କରୁଛନ୍ତି

ଲକ୍ଷ୍ନୌ,୬।୨(ଏଜେନ୍ସି): ଉତ୍ତର ପ୍ରଦେଶର ଅଯୋଧ୍ୟାର ମିଲ୍କିପୁର ଆସନରେ ଉପନିର୍ବାଚନ ମଧ୍ୟରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ଏକ ଅଡିଓ ସେୟାର କରିଛନ୍ତି । ଅଖିଳେଶ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ୫୧ ସେକେଣ୍ଡର ଅଡିଓ ସେୟାର କରିଛନ୍ତି । ଯେଉଁଥିରେ ଟାର୍ଗେଟ ପୂରଣ ପାଇଁ ନକଲି ଭୋଟର ମତଦାନ କରୁଥିବା ବିଷୟରେ ସେ କହିଛନ୍ତି । କଥା ହେଉଥିବା ଲୋକମାନେ ପ୍ରିଜାଇଡିଂ ଅଫିସର ବୋଲି ଅଖିଳେଶ କହିଛନ୍ତି । ଅଡିଓ ସେୟାର କରି ଅଖିଳେଶ ଲେଖିଛନ୍ତି, ଶାସକ ଦଳ ପାଇଁ ନକଲି ଭୋଟିଂର ଟାର୍ଗେଟ ପୂରଣ କରୁଥିବା ପ୍ରିଜାଇଡିଂ ଅଫିସରଙ୍କ ସତ୍ୟ ପ୍ରକାଶ କରିବା ପାଇଁ ଏହା ଏକ ଷ୍ଟିଙ୍ଗ୍ ଅପରେସନ । ସେମାନଙ୍କ ବୁଥରେ ନିର୍ବାଚନ ତୁରନ୍ତ ବାତିଲ କରାଯିବା ଉଚିତ୍ । ଏବଂ ଅଡିଓ ପ୍ରମାଣ ଆଧାରରେ ସେମାନଙ୍କୁ ପ୍ରଥମେ ନିଲମ୍ବିତ କରାଯିବା ଉଚିତ୍ ତଥା ଉପଯୁକ୍ତ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ପରେ ବରଖାସ୍ତ କରାଯିବା ଉଚିତ୍ । ନିର୍ବାଚନ ଜାଲିଆତି ଏବଂ ଅଧିକାରୀଙ୍କ ଦ୍ୱାରା ହେରଫେରର ଏପରି ଆହୁରି ଭିଡିଓ ଏବଂ ଅଡିଓ ବାହାରକୁ ଆସୁଛି । ଯେତେବେଳେ ସେମାନେ ଚାକିରି ହରାଇବେ ଏବଂ ସମାଜରେ ବଦନାମ ହେବେ, ହୁଏତ ସେତେବେଳେ ସେମାନଙ୍କର ବିଶ୍ୱାସ ଏବଂ ବିବେକ ଜାଗ୍ରତ ହେବ ବୋଲି ଅଖିଳେଶ କହିଛନ୍ତି । ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ସରକାର ସେମାନଙ୍କୁ ବ୍ୟବହାର କରିବେ ଏବଂ ତା'ପରେ ଏହି ମାମଲାରୁ ହାତ ଧୋଇଦେବେ, ତା'ପରେ ସେମାନେ ଜେଲରେ ରହିବେ ଏବଂ ନିଜ ସମାଜ, ପରିବାର ଏବଂ ପିଲାମାନଙ୍କ ଦୃଷ୍ଟିରେ ଅପମାନର ଜୀବନ ବଞ୍ଚିବେ । ଆମେ ସେହି ସମସ୍ତ ସଚ୍ଚୋଟ ଏବଂ ସତ୍ୟବାଦୀ ଅଧିକାରୀଙ୍କୁ ଧନ୍ୟବାଦ ଦେଉଛୁ ଯେଉଁମାନେ ବିଜେପି ପାର୍ଟି ଅଫିସ ଦ୍ୱାରା ଦିଆଯାଇଥିବା 'ନକଲି ଭୋଟିଂ ଟାର୍ଗେଟ'କୁ ଗ୍ରହଣ କରିବାକୁ ମନା କରିଥିଲେ । ସୁପ୍ରିମକୋର୍ଟ ଏବଂ ନିର୍ବାଚନ କମିସନ ଗଣତନ୍ତ୍ରର ଏପରି ଶତ୍ରୁମାନଙ୍କ ପ୍ରତି ତୁରନ୍ତ ଦୃଷ୍ଟି ଦେବା ଉଚିତ୍ ବୋଲି ସେ ଭିଡିଓରେ କହିଛନ୍ତି ।

ଅମିତ ଶାହଙ୍କ ବିରୋଧରେ

ପ୍ରଥମ ଦିନିକିଆ ଜିତିଲା ଭାରତ

- ଇଂଲଣ୍ଡ ୨୪୯, ଭାରତ ୨୫୧/୬
- ଜାଡ଼େଜା-ହର୍ଷିତଙ୍କ ଶାଣିତ ବୋଲିଂ
- ଗିଲ୍, ଆୟାର ଓ ଅକ୍ଷରଙ୍କ ଅର୍ଦ୍ଧଶତକ
- ନବାଗତ ଯଶସ୍ୱୀ ଫେଲ୍, ରୋହିତ ବିଫଳ

ନାଗପୁର,୬।୨: ନାଗପୁରର ବିଦର୍ଭ କ୍ରିକେଟ ଆସୋସିଏସନ ଷ୍ଟାଡିୟମଠାରେ ଖେଳା ଯାଉଥିବା ପ୍ରଥମ ଦିନିକିଆରେ ଭାରତୀୟ ବୋଲର ଶାଣିତ ବୋଲିଂ ପରେ ଶୁବମନ ଗିଲ, ଶ୍ରେୟସ ଆୟାର ଓ ଅକ୍ଷର ପଟେଲଙ୍କ ଭଲ ବ୍ୟାଟିଂ ଘରୋଇ ଦଳ ବିଜୟୀ ହୋଇଛି। ଫଳରେ ଭାରତ ୪ ଓ୍ୱିକେଟରେ ବିଜୟୀ ହୋଇଛି ଭାରତ। ଇଂଲଣ୍ଡ ଦ୍ୱାରା ରଖାଯାଇଥିବା ୨୪୯ ରନର ଲକ୍ଷ୍ୟକୁ ୩୮.୪ ଓଭରରେ ୬ ଓ୍ୱିକେଟ ହରାଇ ୨୫୧ ରନ କରି ହାସଲ କରିନେଇଥିଲା।

୨୫୦ ରନ୍ ବିଜୟ ଲକ୍ଷ୍ୟ ନେଇ ଭାରତ ପଡ଼ିଆକୁ ଓହ୍ଲାଇଥିଲା। ଜବାବରେ ଭାରତ ୫.୨ ଓଭରରେ ୨ ଓ୍ୱିକେଟ ହରାଇ ଅଡୁଆରେ ପଡ଼ିଥିଲା। ନବାଗତ ଯଶସ୍ୱୀ ଜୟସ୍ୱାଲ୍ ୧୫, ଅଧିନାୟକ ରୋହିତ ଶର୍ମା ୨ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ ଶୁବମନ ଗିଲ୍ ଓ ଶ୍ରେୟାସ ଆୟାର ଦ୍ରୁତ ବ୍ୟାଟିଂ କରି ଏହି କ୍ଷତିକୁ ପୂରଣ କରିଥିଲେ। ଭାରତ ପକ୍ଷରୁ ଶୁଭମନ ଗିଲ ୮୭ ରନ (୯୬ ବଲ, ୧୪ ଚୌକା) ଶ୍ରେୟସ ଆୟର ୫୯ ରନ (୩୬ ବଲ, ୯ ଚୌକ, ୨ ଛକା) ଓ ଅକ୍ଷର ପଟେଲ ୫୨ ରନ (୪୭ ବଲ, ୬ ଚୌକା, ୧ ଛକା) କରିଥିଲେ। ଏକଦା ୧୫ ରନ୍ ଭିତରେ ୩ ଓ୍ୱିକେଟ ହରାଇ ବାରୁ ମ୍ୟାଚ ରୋମାଂଚ ବଢିଯାଇଥିଲା। କେ ଏଲ୍ ରାହୁଲ ୨ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ଜାଡେଜା ୧୨ ଓ ପାଣ୍ଡ୍ୟା ୯ ରନ୍ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରସିଦ ଓ ସାକିବ ମେହମୁଦ ୨ଟି ଲେଖାଏଁ ଓ୍ୱିକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡକୁ ଦୁଇ ଓପନର ଫିଲିପ ସଲ୍ଟ ଓ ବେନ ଡକେଟ୍ ଦମଦାର ଆରମ୍ଭ ଦେଇଥିଲେ। ଉଭୟ ବିସ୍ଫୋରକ ବ୍ୟାଟିଂ କରି ପ୍ରଥମ ଓ୍ୱିକେଟ୍‌ରେ ୭୫ ରନ ଯୋଡ଼ିଥିଲେ ଫିଲିପ୍ ସଲ୍ଟ ୨୬ ବଲ୍‌ରୁ ୫ ଚୌକା ଓ ୩ ଛକା ସହ ୪୩ ରନର ବିସ୍ଫୋରକ ଇନିଂସ ଖେଳି ଦୁର୍ଭାଗ୍ୟବଶତଃ ରନ ଆଉଟ୍ ହୋଇଥିଲେ। ଏହି ଯୋଡ଼ିବା ଭାଙ୍ଗିବା ପରେ ଇଂଲଣ୍ଡ ନିୟମିତ ବ୍ୟବଧାନରେ ଓ୍ୱିକେଟ୍ ହରାଇଥିଲା। ୨୯ ବଲ୍‌ରୁ ୩୨ ରନ କରିଥିବା ବେନ ଡକେଟ୍‌ଙ୍କୁ ଆଉଟ୍ କରି ହର୍ଷିତ ରାଣା ଦିନିକିଆରେ ପ୍ରଥମ ଓ୍ୱିକେଟ୍ ନେଇଥିଲେ। ତାରକା ବ୍ୟାଟର ହ୍ୟାରି ବ୍ରୁକ ଖାତା ଖୋଲି ପାରି ନ ଥିଲେ। ନିର୍ଭରଯୋଗ୍ୟ ବ୍ୟାଟର ଜୋ ରୁଟ୍(୧୯) ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ ।

ଏହା ପରେ ଅଧିନାୟକ ଜୋସ୍ ବଟଲର ଓ ଜ୍ୟାକବ ବେଥେଲ ଧୈର୍ଯ୍ୟର ସହ ବ୍ୟାଟିଂ କରି ପଞ୍ଚମ ଓ୍ୱିକେଟ୍‌ରେ ୫୯ ରନ ଯୋଡ଼ି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ବଟଲର ୬୭ ବଲରୁ ୪ ଚୌକା ସହ ୫୨ ରନର ଇନିଂସ ଖେଳି ଆଉଟ୍ ହେବା ଇଂଲଣ୍ଡକୁ ବଡ଼ ଝଟକା ଲାଗିଥିଲା। ଲିୟମା ଲିଭିଙ୍ଗଷ୍ଟୋନ ୫ ରନ କରି ବିଦାୟ ନେଇଥିଲେ। ଶେଷ ଆଡ଼କୁ ବେଥେଲ ୫୧ ରନର ଇନିଂସ ଖେଳିବାରୁ ଇଂଲଣ୍ଡ ୪୭.୪ ଓଭରରେ ୨୪୮ ରନ କରି ପାରିଥିଲା। ଜୋଫ୍ରା ଆର୍ଚର ୧୮ ବଲରୁ ୨୧ ରନ କରି ଅପରାଜିତ ଥିଲେ । ବୋଲିଂରେ ରବୀନ୍ଦ୍ର ଜାଡ଼େଜା ୯ ଓଭରରେ ୨୬ ରନ ଦେଇ ୩ଟି ସଫଳତା ପାଇଛନ୍ତି। ପଦାର୍ପଣ କରିଥିବା ହର୍ଷିତ ରାଣା ୭ ଓଭରରେ ୫୩ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ୩ଟି ଓ୍ୱିକେଟ୍ ନେଇଥିଲେ। ମହମ୍ମଦ ଶାମି, ଅକ୍ଷର ପଟେଲ୍ ଓ କୁଲଦୀପ ଯାଦବଙ୍କୁ ଗୋଟି ଲେଖାଏଁ ଓ୍ୱିକେଟ୍ ମିଳିଥିଲା।

ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ସଚିନ

ନୂଆଦିଲ୍ଲୀ,୬।୨: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ରାଷ୍ଟ୍ରପତିଙ୍କ ବାସଭବନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ସମୟରେ ସଚିନ ତେନ୍ଦୁଲକରଙ୍କ ପରିବାର ଉପସ୍ଥିତ ଥିଲେ। ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ଟେଷ୍ଟ ଜର୍ସି ଉପହାର ଦେଇଥିଲେ। ସେପଟେ ସଚିନ ତେନ୍ଦୁଲକର ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ଏହି ଭାଇରାଲ ଭିଡିଓରେ ସଚିନ ତେନ୍ଦୁଲକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାରା ତେନ୍ଦୁଲକର ଓ ଅଞ୍ଜଳି ତେନ୍ଦୁଲକରଙ୍କ ସହ ନଜର ଆସିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ସଚିନ ତେନ୍ଦୁଲକରଙ୍କୁ ସ୍ୱାଗତ କରିଥିଲେ।

ଏହି ବୈଠକରେ ସଚିନ ତେନ୍ଦୁଲକର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ଟେଷ୍ଟ ଜର୍ସି ପ୍ରଦାନ କରିଥିଲେ ଏହାପରେ ସଚିନ ତେନ୍ଦୁଲକର ତାଙ୍କ ପତ୍ନୀ ଅଞ୍ଜଳି ତେନ୍ଦୁଲକର ଓ ଝିଅ ସାରା ତେନ୍ଦୁଲକରଙ୍କ ସହ ଫଟୋ ଉଠାଇଥିଲେ। ଏବେ ସଚିନ ତେନ୍ଦୁଲକର, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଝିଅ ସାରା ତେନ୍ଦୁଲକରଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାବ୍ୟତୀତ ସୋସିଆଲ ମିଡିଆ। ବ୍ୟବହାରକାରୀମାନେ ଲଗାତାର କମେଣ୍ଟ କରି ନିଜର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି।

୬୦୦ ଓ୍ୱିକେଟ କ୍ଲବରେ ରବିନ୍ଦ୍ର ଜାଡ଼େଜା

ନୂଆଦିଲ୍ଲୀ,୬।୨: ପଞ୍ଚମ ଭାରତୀୟ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୬୦୦ ଓ୍ୱିକେଟ ପୂରଣ କଲେ ବାମହାତୀ ସ୍ପିନର ରବିନ୍ଦ୍ର ଜାଡେଜା ଗୁରୁବାର(୬ ଫେବୃଆରୀ) ନାଗପୁରରେ ଖେଳାଯାଉଥିବା ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଜାଡ଼େଜା ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଆଜି ଜାଡ଼େଜା ନିଜର ସ୍ପିନ୍ ଯାଦୁରେ ୩ ଇଂଲଣ୍ଡ ବ୍ୟାଟରଙ୍କୁ ଆଉଟ୍ କରି ପାଭିଲିଅନ ପଠାଇ ଦେଇଛନ୍ତି। ଏହି ଓ୍ୱିକେଟ୍ ସହ ଜାଡେଜା ଇଂଲଣ୍ଡର ପୂର୍ବତନ କ୍ରିକେଟର ଜେମ୍ସ ଆଣ୍ଡର୍ସନଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି ଇଂଲଣ୍ଡ ଓ ଭାରତ ଦିନିକିଆ ମ୍ୟାଚ୍‌ରେ ଆଣ୍ଡରସନ ସର୍ବାଧିକ ୪୦ ଓ୍ୱିକେଟ୍ ନେଇଥିଲେ। ହେଲେ ଜାଡ଼େଜା ଏହି ଟାଲିକୁ ଅତିକ୍ରମ କରିଛନ୍ତି। ଜାଡେଜା ୮୦ ଟେଷ୍ଟରେ ୩୨୩ ଓ୍ୱିକେଟ୍, ୧୯୮ ଦିନିକିଆରେ ୨୨୩ ଓ୍ୱିକେଟ୍ ଏବଂ ୭୪ ଟି-୨୦ରେ ୫୪ ଓ୍ୱିକେଟ୍ ନେଇଛନ୍ତି। ଆନ୍ତର୍ଜାତୀୟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଓ୍ୱିକେଟ୍ ନେଇଥିବା ବୋଲର। ୧. ଅନୀଲ କୁମ୍ବଲେ ୪୦୧ ମ୍ୟାଚ୍, ୯୫୩ ଓ୍ୱିକେଟ୍। ୨. ରବିଚନ୍ଦ୍ରନ୍ ଅଶ୍ୱିନ ୨୮୭ ମ୍ୟାଚ୍, ୭୬୫ ଓ୍ୱିକେଟ୍। ୩. ହରଭଜନ ସିଂହ ୩୬୫ ମ୍ୟାଚ୍, ୭୦୭ ଓ୍ୱିକେଟ୍। ୪. କପିଲ ଦେବ ୩୫୬ ମ୍ୟାଚ୍, ୬୮୭ ଓ୍ୱିକେଟ୍।୫. ରବିନ୍ଦ୍ର ଜାଡେଜା ୩୫୨ ମ୍ୟାଚ୍, ୬୦୦ ଓ୍ୱିକେଟ୍। ୬. ଜାହିର ଖାନ ୩୦୩ ମ୍ୟାଚ୍, ୫୯୭ ଓ୍ୱିକେଟ୍। ୭. ଜାଭଗଲ୍ ଶ୍ରୀନାଥ ୨୯୬ ମ୍ୟାଚ୍, ୫୫୧ ଓ୍ୱିକେଟ୍। ୮. ମହମ୍ମଦ ଶାମି ୧୯୧ ମ୍ୟାଚ୍, ୪୫୨ ଓ୍ୱିକେଟ୍। ୯. ଜସପ୍ରିତ ବୁମରା ୨୦୪ ମ୍ୟାଚ୍, ୪୪୩ ଓ୍ୱିକେଟ୍। ୧୦. ଇଶାନ୍ତ ଶର୍ମା ୧୯୯ ମ୍ୟାଚ୍, ୪୩୪ ଓ୍ୱିକେଟ୍। ଆଜିର ମ୍ୟାଚ୍‌ରେ ରବିନ୍ଦ୍ର ଜାଡ଼େଜା ଓ ହର୍ଷିତ ରାଣା ୩ଟି ଲେଖାଏ ଓ୍ୱିକେଟ୍ ନେଇଥିବାରୁ ଇଂଲଣ୍ଡ ଭାରତ ବିପକ୍ଷରେ ମାତ୍ର ୨୪୮ ରନ୍ କରିପାରିଛି ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ଟାର୍ଗେଟ୍ ପୂରା କରିବାକୁ ପଡ଼ିବ।

ଷ୍ଟୋଇନିସଙ୍କ ଅବସର

ନୂଆଦିଲ୍ଲୀ,୬।୨: ଆଇସିସି ଚମ୍ପିଅନ୍ସ ଟ୍ରଫି ପାଇଁ ଦଳରେ ସାମିଲ ହୋଇଥିବା ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ସେ କ୍ରିକେଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ

କରିଦେଇଛନ୍ତି। ଷ୍ଟୋଇନିସ ତୁରନ୍ତ ପ୍ରଭାବ ସହ ରୁ ଅବସର ନେଇଛନ୍ତି। କ୍ରିକେଟରୁ ଅବସର ଘୋଷଣା କରିବା ସମୟରେ, ଷ୍ଟୋଇନିସ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଖେଳିବା ନେଇ ତାଙ୍କର ସ୍ଥିତି ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ସେ ଟି-୨୦ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ ।ଏହାର ଅର୍ଥ ହେଉଛି ସେ କେବଳ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଷ୍ଟୋଇନିସ କହିଛନ୍ତି, ଏହା ଏକ ସହଜ ନିଷ୍ପତ୍ତି ନ ଥିଲା କିନ୍ତୁ ମୁଁ ଅନୁଭବ କଲି ଯେ ଏହା ମୋ ପାଇଁ କ୍ରିକେଟରୁ ଦୂରେଇ ଯିବା ଏବଂ ମୋ କ୍ୟାରିୟରରେ କିଛି ନୂଆ କରିବା ପାଇଁ ସଠିକ ସମୟ ଏବେ ତାଙ୍କର ଧ୍ୟାନ କେବଳ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ ଉପରେ ରହିବ।

ଆହତ ପାଇଁ କେତେ ଥର ମ୍ୟାଚ ଖେଳି ପାରିନାହାନ୍ତି କୋହଲି ?

ନୂଆଦିଲ୍ଲୀ,୬।୨: ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିଆରେ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି ଖେଳୁ ନାହାନ୍ତି ନାଗପୁରର ବିଦଭା କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ବିରାଟ ଅଭ୍ୟାସ କରିଥିଲେ ହେଁ ସେ ଶେଷ ମୁହୂର୍ତ୍ତରେ ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିଥିଲେ। ଏହାର କାରଣ ହେଲା ଆଣ୍ଠୁ ଜନିତ ସମସ୍ୟା। ଟସ୍ ସମୟରେ ରୋହିତ ଶର୍ମା ଚୂଡ଼ାନ୍ତ ଏକାଦଶ ସମ୍ପର୍କରେ ସୂଚନା ଦେବା ବେଳେ ଆହତ ସମସ୍ୟା ପାଇଁ ବିରାଟ ଖେଳୁ ନଥିବା କହିଥିଲେ ପରବର୍ତ୍ତୀ ଅବସ୍ଥାରେ ବିସିସିଆଇ ମଧ୍ୟ ବିରାଟଙ୍କ ଡାହାଣ ଆଣ୍ଠୁରେ ସମସ୍ୟା ଦେଖାଯାଇଥିବା କହିଥିଲା ।ଏହି କାରଣରୁ ବିରାଟ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ମିସ କରିଛନ୍ତି। ସମ୍ଭବତଃ ଫେବୃଆରୀ ୯ରେ କଟକରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆରେ ସେ ନଜର ଆସିପାରନ୍ତି।

ତେବେ ଆହତ କାରଣରୁ ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳିବା ବିରାଟଙ୍କ କ୍ଷେତ୍ରରେ ବିରଳ ଘଟଣା ବିଶ୍ୱର ଅନ୍ୟତମ ଫିଟ କ୍ରିକେଟର ହେଉଛନ୍ତି ବିରାଟ ସେ ୨୦୧୫ରେ ଭାରତୀୟ ଦଳର ଅଧିନାୟକ ହେବା ପରେ ଫିଟନେସକୁ ସବୁବେଳେ ଗୁରୁ ଦେଇଥିଲେ ଏଥିପାଇଁ ଟିମରେ ମଧ୍ୟ ସର୍ବଦା ଫିଟନେସକୁ ଗୁରୁ ଦିଆଯାଉଛି ନିଜକୁ ସବୁବେଳେ ଫିଟ ରଖିବାକୁ ଚେଷ୍ଟା କରୁଥିବା ବିରାଟ ବେଳେବେଳେ ଆହତ କାରଣରୁ ମ୍ୟାଚ୍ ମିସ କରିବାର ନଜିର ରହିଛି।

ଆହତ ପାଇଁ କେତେ ଥର ମ୍ୟାଚ୍ ଖେଳି ପାରି ନାହାନ୍ତି ବିରାଟ ?

୧-ଅଷ୍ଟ୍ରେଲିଆ। ବିପକ୍ଷ ୪ର୍ଥ ଟେଷ୍ଟ- ୨୦୧୭ ମାର୍ଚ୍ଚ ୨୫ରୁ ୨୯- ଧର୍ମଶାଳା : ଏହି ସିରିଜର ତୃତୀୟ ତଥା ରାଞ୍ଚି ଟେଷ୍ଟରେ ବିରାଟ ଗୋଟିଏ ବାଉଣ୍ଡରୀକୁ ଅଟକାଇବା ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା ସେହି ସମୟରେ ବିରାଟ ଦଳର ଅଧିନାୟକ ରହିଥିଲେ ସେ ୪ର୍ଥ ଟେଷ୍ଟ ବେଳକୁ ଫିଟ ହେବାକୁ ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇପାରି ନଥିଲା ତେଣୁ ୪ର୍ଥ ଟେଷ୍ଟରେ ଅଜିଙ୍କ୍ୟ ରାହାଣେ ପ୍ରଥମଥର ପାଇଁ ଟେଷ୍ଟ କ୍ରିକେଟରେ ଭାରତର ଅଧିନାୟକ ହୋଇଥିଲେ ବିରାଟ ଆହତ ପାଇଁ ମ୍ୟାଚ୍ ଖେଳି ପାରି ନଥିଲେ ୪ର୍ଥ ଟେଷ୍ଟକୁ ଭାରତ ିକେଟରେ ଜିତିବା ସହ ଅଷ୍ଟ୍ରେଲିଆ। ବିପକ୍ଷ ସିରିଜକୁ ୨-୧ରେ କବଜା କରିଥିଲା। ୨- ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ ୨୦- ୨୦୧୮ ଫେବୃଆରୀ ୨୪-କେପ ଟାଉନ : ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ ୧-୧ରେ ରହିଥାଏ ତୃତୀୟ ମ୍ୟାଚ୍ କର ବାମର ପରିସ୍ଥିତିରେ ରହିଥିଲା କିନ୍ତୁ ହଠାତ୍ ବିରାଟ ପିଠିରେ ଯନ୍ତ୍ରଣା ଅନୁଭବ କରିଥିଲେ ଏହି କାରଣରୁ ତାଙ୍କୁ ତୃତୀୟ ଟି-୨୦ରୁ ବାଦ ଦିଆଯାଉଥିଲା ବିରାଟଙ୍କ ଅନୁପସ୍ଥିତିରେ ଟିମ ଇଣ୍ଡିଆର ଉପ ଅଧିନାୟକ ଭାବେ କାମ କରୁଥିବା ରୋହିତ ଶର୍ମା କମାଣ ସମ୍ଭାଳି ଥିଲେ ବିରାଟ ଦଳରେ ନଥିଲେ ମଧ୍ୟ ଭାରତ ୭ ରନରେ ମ୍ୟାଚ୍ ଜିତି ଟି-୨୦ ସିରିଜକୁ ଦଖଲ କରିଥିଲା।

୩- ଦକ୍ଷିଣ ଆଫ୍ରିକା ବିପକ୍ଷ ୨ୟ ଟେଷ୍ଟ- ୨୦୨୨ ଜାନୁଆରୀ ୩ରୁ ୭- ଜୋହାନ୍ସବର୍ଗ: ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟରେ ବିରାଟ ଭାରତକୁ ୧୧୩ରେ ବିଜୟୀ କରାଇଥିଲେ କିନ୍ତୁ ଆହତ କାରଣରୁ ତାଙ୍କୁ ଦ୍ୱିତୀୟ ଟେଷ୍ଟରେ ବେଞ୍ଚରେ ବସିବାକୁ ପଡ଼ିଥିଲା ଦ୍ୱିତୀୟ ଟେଷ୍ଟରେ ଉପ ଅଧିନାୟକ କେଏଲ ରାହୁଲ କ୍ୟାପ୍ଟେନ ହୋଇଥିଲେ କିନ୍ତୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟକୁ ୭ ଓ୍ୱିକେଟରେ ଜିତି ସିରିଜରେ ଜବରଦସ୍ତ କମବ୍ୟାକ କରିଥିଲା।

୪- ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ- ୨୦୨୨ ଜୁଲାଇ ୧୨- ଲଣ୍ଡନ: ବିରାଟ ଆଜିର ମ୍ୟାଚ୍ ପୂର୍ବରୁ ଶେଷ ଥର ପାଇଁ ୨୦୨୨ରେ ଆହତ ସମସ୍ୟା ଯୋଗୁ କୌଣସି ଅନ୍ତର୍ଜାତୀୟ ମ୍ୟାଚ ଖେଳି ପାରି ନଥିଲେ। ସେଇଟା ମଧ୍ୟ ଆଜି ଭଳି ଇଂଲଣ୍ଡ ବିପକ୍ଷରେ ରହିଥିଲା। ବିରାଟ ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ। ଖେଳି ନଥିଲେ। କିନ୍ତୁ ଯଶପ୍ରୀତ ବୁମ୍ରା ଘାତକ ବୋଲିଂ କରିବାରୁ ବିରାଟଙ୍କ ଅନୁପସ୍ଥିତି ଆଦୌ ଅନୁଭବ ହୋଇ ନଥିଲା ବୁମ୍ରା ତାଙ୍କ ଦିନିକିଆ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ (୭.୨ ଓଭରରେ ମାତ୍ର ୧୯ ରନ ଦେଇ ୬ ଓ୍ୱିକେଟ) ବଳରେ ଇଂଲଣ୍ଡକୁ ୧୧୦ ରନରେ ଅଲଆଉଟ କରି ଦେଇଥିଲେ। ଭାରତ ୧୦ କେଟରେ ମ୍ୟାଚ୍ ଜିତି ନେଇଥିଲା।

୫- ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆ- ୨୦୨୫ ଫେବୃଆରୀ ୬- ନାଗପୁର: ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଆଜି ଟସ୍ ବେଳେ ବିରାଟ ଆଣ୍ଠୁ ଜନିତ ସମସ୍ୟା ପାଇଁ ଖେଳିବେ ନାହିଁ ବୋଲି ଘୋଷଣା କରିଥିଲେ। ଏହା ଶୁଣି ନାଗପୁରରେ ଉପସ୍ଥିତ ଦର୍ଶକ ପୂରା ସ୍ତବ୍ଧ ହୋଇଯାଇଥିଲେ। ବିରାଟ ମ୍ୟାଚ୍ ଖେଳୁ ନଥିବାରୁ ଗିଲ୍ ୩ ନମ୍ବରରେ ବ୍ୟାଟିଂ କରିଥିଲେ।

ଅଷ୍ଟ୍ରେଲିଆକୁ ଡବଲ ଝଟକା

ନୂଆଦିଲ୍ଲୀ: ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି ଚମ୍ପିଅନ୍ସ ଟ୍ରଫି ୨୦୨୫। ଏହା ପୂର୍ବରୁ ଅଷ୍ଟ୍ରେଲିଆ। ଦଳକୁ ଦୁଇଟି ବଡ଼ ଝଟକା ଲାଗିଛି। ଉଭୟ ଆଘାତଜନିତ ସମସ୍ୟା କାରଣରୁ ଅଧିନାୟକ ପାଟ୍ କମିନ୍ସ ଓ ଦ୍ରୁତ ବୋଲର ଜୋସ ହେଜେଲଉଡ ଦଳରୁ ବାଦ୍ ପଡ଼ିଛନ୍ତି।ଏହି କାରଣରୁ ଫେବୃଆରୀ ୧୨ ତାରିଖ ସୁଦ୍ଧା ଅଷ୍ଟ୍ରେଲିଆ। ଚମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ପ୍ରାରମ୍ଭିକ ଦଳରେ ୪ ପରିବର୍ତ୍ତନ କରିବ ।

କ୍ରିକେଟ୍ ଅଷ୍ଟ୍ରେଲିଆ। ଜାରି କରିଥିବା ବୟାନ ଅନୁଯାୟୀ, ଆଗାମୀ ଚମ୍ପିଅନ୍ସ ଟ୍ରଫି ପାଇଁ ଘୋଷିତ ପ୍ରାରମ୍ଭିକ ଦଳରେ ୪ ପରିବର୍ତ୍ତନ ହେବ। ଅଧିନାୟକ ପାଟ୍ କମିନ୍ସ ଓ ଜୋସ ହେଜେଲଉଡଙ୍କ ପରି ତାରକା ବୋଲର ବାଦ୍ ପଡ଼ିବା ଖବର ସେହି ଦିନ ଆସିଲା ଯେଉଁ ଦିନ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ଦିନିକିଆ। କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି।ଏହାର ଅର୍ଥ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବ ନାହିଁ। କମିନ୍ସ, ହେଜେଲଉଡ ଓ ଷ୍ଟୋଇନିସଙ୍କ ବ୍ୟତୀତ ଅଲରାଉଣ୍ଡର ମିଚେଲ୍ ମାର୍ଶ ପ୍ରଥମରୁ ଟିମରୁ ବାଦ୍ ପଡ଼ି ସାରିଛନ୍ତି। ମାର୍ଶଙ୍କ ପିଠିରେ ଗମ୍ଭୀର ଆଘାତ ଲାଗିଛି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଅଧିକ ସମୟ ଲାଗିବ ପୁନଃଥଇଥାନ ସମୟରେ ତାଙ୍କର ଆଘାତ ସମସ୍ୟା ଆହୁରି ଗମ୍ଭୀର ହୋଇ ପଡ଼ିଛି। ତେଣୁ ସେ ଚମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିବେ। ଏହି ସବୁ ଖେଳାଳିଙ୍କ ବଦଳରେ କାହାକୁ ଦଳରେ ସ୍ଥାନ ମିଳିବ ଏବଂ କିଏ ଅଧିନାୟକ ଦାୟିତ୍ୱ ସମ୍ଭାଳିବ ତା ଉପରେ ସଭିଙ୍କ ନଜର ରହିଛି।

ଜାତୀୟ କ୍ରୀଡ଼ା : ସାଇକ୍ଲିଂ, ରୋଇଂରେ ଓଡ଼ିଶାକୁ ୩ ରୌପ୍ୟ

ଭୁବନେଶ୍ୱର,୬।୨: ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶାକୁ ୩ ରେପ୍ୟ (୧ ସାଇକ୍ଲିଂ, ୨ ରୋଇଂ) ପଦକ ମିଳିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୨୦ (୫ ସ୍ୱର୍ଣ୍ଣ, ୬ ରେପ୍ୟ, ୯ କାଂସ୍